# ବାଇବଲ୍ କରସପଣ୍ଡେନସ୍ କୋର୍ସ

## ସମାଧାନର ବାର୍ତ୍ତା

# The massage of Reconciliation

## ପ୍ରଥମ ଭାଗ




| ରେଫ୍ରେନସ୍ ନଂ: |
|---|

ଏସ୍.ଏମ୍. ବିନୟ୍ କୁମାର

Please purchase 'e-PDF Converter and Creator' on http://www.e-pdfconverter.com to remove this message.

SAMADHANARO BARTA

Book – I

Bible correspondence course-Odia

**Address**

Bro. S.M. Vinay Kumar. Director

Church Street, CBN Colony

Naidupeta – 524126, SPS Nellore Dist.

Andhra Pradesh, S. India

Ph: 9885845588, 9494473488

E-Mail: vinaycoc@gmail.com

Please purchase 'e-PDF Converter and Creator' on http://www.e-pdfconverter.com to remove this message.

# ସୃଷ୍ଟି ଏବଂ ପତନ
## ଆଦିପୁସ୍ତକ ୧:୧-୩
## ପାଠ-୧

ଏଲୋହିଂ [elohiym (el-o-heem)] ବୋଲି ପଦ ଏଲୋ ହ୍ୱାହା (elowahh) ବୋଲି ପଦର ବହୁ ରୂପ, ତାହା ଇଶ୍ୱର (God) ବୋଲି ଇଂରାଜୀରେ ତର୍ଜମା କରାଯାଇଛି। ଭୂମି, ଆକାଶ ସୃଷ୍ଟି କରିଥିବା ସମୟରେ ପିତା, ପୁତ୍ର ଏବଂ ପବିତ୍ର ଆତ୍ମା ଏକିଭୂତ ହେଲାପରି (ଆଦି-୧:୧-୩) ଅନୁସାରେ ଦେଖିପାରିବେ।

ପରମେଶ୍ୱର ଭୂମି ଆକାଶ ନିର୍ମାଣ କଲେ ବୋଲି ଜାଣିପାରୁଛୁ "ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀର ସୃଷ୍ଟି କଲେ। ପୃଥିବୀ ନିର୍ଜନ ଓ ଶୂନ୍ୟ ଥିଲା। ଆଉ ଗଭୀର ଜଳ ଉପରେ ଅନ୍ଧକାର ଥିଲା । ପୁଣି ପରମେଶ୍ୱର କହିଲେ "ଦୀପ୍ତି ହେଉ" ତହିଁରେ ଦୀପ୍ତି ହେଲେ" ଆଦି -୧:୧-୩ ବୋଲି କୁହାଯାଇଛି। ଯୋହନ ୧:୧-୩ ରେ " ଆଦ୍ୟରେ ବାକ୍ୟ ଥିଲେ ବାକ୍ୟ ଇଶ୍ୱରଙ୍କ ସଙ୍ଗରେ ଥିଲେ। ସେହି ବାକ୍ୟ ଇଶ୍ୱର ଥିଲେ। ସେ ଆଦ୍ୟରେ ଇଶ୍ୱରଙ୍କ ସହିତ ଥିଲେ। ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟି ହେଲା ବୋଲି କୁହାଯାଇଛି। ପ୍ରାରମ୍ଭ ସମ୍ବନ୍ଧରେ ପରମେଶ୍ୱର ମନୁଷ୍ୟକୁ ଯାହା ପ୍ରକାଶ କରିବା ପାଇଁ ଇଚ୍ଛା କଲେ ତାହାହିଁ କେବଳ ଜଣାଇଲେ ଆମ୍ଭମାନଙ୍କୁ ଜଣା।ଜ୍ଞାନିମାନଙ୍କର ସିଦ୍ଧାନ୍ତ ସଂପୂର୍ଣ୍ଣ ରୂପେ ଭାବେ ପ୍ରମାଣିତ ହୋଇପାରିନାହିଁ। କିନ୍ତୁ ତାହା ପରମେଶ୍ୱରଙ୍କ ପ୍ରକାଶିତକୁ ବିରୋଧି ହୋଇଛି।

ସୃଷ୍ଟି କରିବାର ଶେଷ ଦିନରେ ଅର୍ଥାତ୍ ଆଦି- ୧:୨୬-୨୭ ରେ ଏହି ପ୍ରକାର ଲେଖାଯାଇଛି। ଏଥି ଉତ୍ତାରୁ ପରମେଶ୍ୱର କହିଲେ ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ ସେମାନେ ଜଳଚର ମତ୍ସ୍ୟଗଣ ଓ ଖେଚର ପକ୍ଷୀଗଣ ଓ ପଶୁଗଣ ଓ ସମସ୍ତ ପୃଥିବୀ ଓ ଭୂମିର ଗମନଶୀଳ ସବୁ ଉରଗାମୀ ଜନ୍ତୁ ଉପରେ କର୍ତ୍ତୃତ୍ୱ କରିବେ।

ପରମେଶ୍ୱର ସମସ୍ତ ସୃଷ୍ଟି ଅପେକ୍ଷା ଏହା ତତ୍ ଭିନ୍ନ ଅଟେ। କାହିଁକି ସେମାନେ, ମନୁଷ୍ୟ ତାହାଙ୍କ ସ୍ୱରୂପରେ ତାହାଙ୍କ ସମାନ କଲେ। କିନ୍ତୁ ମନୁଷ୍ୟ ଅକ୍ଷୟୀ ହୋଇଥିବା ପ୍ରମାଣ ନାହିଁ। ମନୁଷ୍ୟ ରକ୍ତମାଂସରେ ନିର୍ମିତ ହେଲା କିନ୍ତୁ ପରମେଶ୍ୱର ଆତ୍ମା ସ୍ୱରୁପୀ।

ପରମେଶ୍ୱର ତାହାଙ୍କ ସମସ୍ତ ସୃଷ୍ଟି ମଧ୍ୟରେ ମନୁଷ୍ୟକୁ ରଖି ତାହାକୁ ବଶିଭୂତ କରି, କର୍ତ୍ତୃତ୍ୱ କରି, କାର୍ଯ୍ୟ କରି ତତ୍ ବିଷୟରେ ଜାଗ୍ରତ ନେବା ପାଇଁ ଆଦମ ସହିତ ପରମେଶ୍ୱର କହିଲେ

Please purchase 'e-PDF Converter and Creator' on http://www.e-pdfconverter.com to remove this message.

ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଆଜ୍ଞା ଦେଇ କହିଲେ, ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ସ୍ୱଚ୍ଛନ୍ଦରେ ଭୋଜନ କରିପାର, ଯେହେତୁ ଯେଉଁ ଦିନ ତାହା ଖାଇବ, ସେହି ଦିନ ନିତାନ୍ତ ମରିବ ଆଦି ୨:୧୬-୧୭.

"ଏଥିରେ ନାରୀ ସେହି ବୃକ୍ଷକୁ ସୁଖାଦ୍ୟର ଉତ୍ପାଦକ ଓ ନୟନର ଲୋଭଜନକ ଓ ଜ୍ଞାନ ଦେବା ନିମିତ୍ତ ବାଞ୍ଛନୀୟ ଦେଖି ତହିଁରୁ ଫଳ ତୋଳି ଖାଇଲେ, ପୁଣି ଆପଣା ସଙ୍ଗସ୍ଥ ସ୍ୱାମୀକୁ ଦିଅନ୍ତେ ସେ ମଧ୍ୟ ଖାଇଲେ ଆଦି : ୩:୬.

କିନ୍ତୁ ପ୍ରତ୍ୟେକ ଲୋକ ଆପଣା କାମନା ଦ୍ୱାରା ଆର୍କର୍ଷିତ ଓ ପ୍ରବଞ୍ଚିତ ହୋଇ ପରିକ୍ଷିତ ହୁଏ, ତାହା ପରେ କାମନା ଗର୍ଭ ଧାରଣ କରି ପାପ ପ୍ରସବ କରେ ପୁଣି ପାପ ପୂର୍ଣ୍ଣମାତ୍ରାରେ ବୃଦ୍ଧି ପାଇ ମୃତ୍ୟୁକୁ ଜନ୍ମ ଦିଏ" ଯାକୁବ :୧:୧୪-୧୫।

ସେହି ଫଳ ହବାଙ୍କୁ ନୟନର ଲୋଭଜନକ ଓ ଜ୍ଞାନ ପାଇ ବାଞ୍ଛାରେ ତାହା ଆଶା କଲା କିନ୍ତୁ ଅବାଧ୍ୟତାର ପ୍ରତିଫଳ ଏହି ସନ୍ଦର୍ଭରେ ତାର ପରିଣାମ ଘଟିଲା। କେତେକ ସନ୍ଧର୍ଭରେ ପରମେଶ୍ୱରଙ୍କ ବିଚାରକୁ ସମ୍ମୁଖୀନ ହେବାବେଳେ ତାହାଙ୍କୁ ସେହି ଦେଖାଯାଇଥାଏ। ସେମାନେ ପାରଦେଶୀ ସଦୃଶ୍ୟ ଏଦନ ଉଦ୍ୟାନ ସ୍ଥଳରୁ ବହିଷ୍କୃତ ହୋଇ ଦୁଃଖ ଓ କଷ୍ଟ ସଦୃଶ୍ୟ ଭୂମିକୁ ତଡ଼ିତ ହେଲେ। ଏହି ପ୍ରଥମ ମନୁଷ୍ୟର ଆଜ୍ଞା ଲଙ୍ଘନ ଅର୍ଥାତ୍ ପାପ ହେତୁ ମନୁଷ୍ୟର ପତ୍ତନ ଆରମ୍ଭ ହେଲା। ଫଳ ଖାଇଲେ ନିଶ୍ଚିତ ମୃତ୍ୟୁ ହେବ ବୋଲି ପରମେଶ୍ୱରଙ୍କ କଥା ଅନୁଯାୟୀ ଫଳ ଖାଇ ତତ୍ କ୍ଷଣାତ୍ ତାହାଙ୍କ ସ୍ୱରୂପ ଓ ଆତ୍ମା ହରାଇ ମୃତ୍ୟୁ ହେଲେ।

ତହିଁ ସଦାପ୍ରଭୁ ପରମେଶ୍ୱର ସର୍ପକୁ କହିଲେ ଏହି କାର୍ଯ୍ୟ କରିବା ହେତୁରୁ ତୁମ୍ଭେ ସମସ୍ତ ଗ୍ରାମ୍ୟ ଓ ବନ୍ୟପଶୁ ଠାରୁ ଅଧିକ ଶାପଗ୍ରସ୍ତ ହେଲା। ତୁମ୍ଭେ ଆପଣା ପେଟ ଦେଇ ଗମନ ଗମନ କରିବ ଓ ଯାବଜ୍ଜୀବନ ଧୂଳି ଖାଇବ। ଆଉ ଆମ୍ଭେ ତୁମ୍ଭର ଓ ନାରୀର ମଧ୍ୟରେ, ପୁଣି ତୁମ୍ଭ ବଂଶ ଓ ତାଙ୍କ ବଂଶ ମଧ୍ୟରେ ବୈରଭାବ ଜନ୍ମାଇବା। ସେ ତୁମ୍ଭର ମସ୍ତକକୁ ଆଘାତ କରିବେ ଓ ତୁମ୍ଭେ ତାହାଙ୍କ ଗୋଇଠିକି ଆଘାତ କରିବ। ତହୁଁ ସେ ନାରୀଙ୍କି କହିଲେ ଆମ୍ଭେ ତୁମ୍ଭର ଗର୍ଭବେଦନା ଅତିଶୟ ବଢ଼ାଇବା ତୁମ୍ଭେ ବ୍ୟଥାରେ ସନ୍ତାନ ପ୍ରସବ କରିବ, ପୁଣି ସ୍ୱାମୀ ପ୍ରତି ତୁମ୍ଭର ବାସନା ରହିବ, ସେ ତୁମ୍ଭ ଉପରେ କର୍ତ୍ତୃତ୍ୱ କରିବ। ଆଉ ସେ ଆଦମକୁ କହିଲେ। ଯେଉଁ ବୃକ୍ଷର ଫଳ ଖାଇବା ବିଷୟରେ ଆମ୍ଭେ ତୁମ୍ଭକୁ ଆଜ୍ଞା ଦେଇ କହିଥିଲୁ। ତାହା ଖାଇବ ନାହିଁ। ତୁମ୍ଭେ ଆପଣା ଭାର୍ଯ୍ୟାର କଥା ଶୁଣି ଖାଇଅଛି, ଏମୁ ତୁମ୍ଭ ସକାଶୁ ଭୂମି ଶାପଗ୍ରସ୍ଥ ହେଲା। ତୁମ୍ଭେ ଯାବଜ୍ଜୀବନ କ୍ଳେଶରେ ତହିଁରୁ ଭକ୍ଷ୍ୟ ଖାଇବ। ତହିଁରେ କଣ୍ଟା ଓ ଗୋଖରା ଗଛ ଜାତ ହେବ, ପୁଣି ତୁମ୍ଭେ କ୍ଷେତ୍ରର ଶାକ ଭୋଜନ କରିବ। ତୁମ୍ଭେ ଯେଉଁ ମୃତ୍ତିକାରୁ ଗୃହୀତ ହେଲେ ତହିଁରେ ନ ମିଶିବା ପର୍ଯ୍ୟନ୍ତ ମୁଖର

Please purchase 'e-PDF Converter and Creator' on http://www.e-pdfconverter.com to remove this message.

ଝାଳରେ ଆହାର କରିବ। ଯେହେତୁ ତୁମ୍ଭେ ଧୂଳି ଓ ଧୂଳିରେ ପୁନର୍ବାର ମିଶିଯିବ। ଆଦି :୩:୧୪-୧୯।

ଏହି ପାପ ସକାଶୁ ଆଦମ ଓ ହବା ପରମେଶ୍ୱରଙ୍କ ଠାରୁ (ଦୂରେଇ ଗଲେ) ପୃଥକିକୃତ ହେଲେ। ପୁଣି ପରମେଶ୍ୱରଙ୍କ ସହିତ ପୂନର୍ବାର ସମାଧାନ ହେବାର ଆବଶ୍ୟକରେ ଥିଲେ। ସେମାନେ ସମାଧାନ ପ୍ରାପ୍ତି ପାଇଁ ସେମାନଙ୍କ ଅନାଜ୍ଞାବହ ହେତୁ ଘଟିଥିବା ପାପ ସକାଶୁ ଏକ ପରିପୂର୍ଣ୍ଣ ବଳୀର ପ୍ରୟୋଜନ ଥିଲା। ଏଣୁ ପ୍ରଥମ ମନୁଷ୍ୟର ପ୍ରଥମ ପାପ ସକାଶୁ ମାନବ ଜଗତର ଅଭିଶାପ ଆସିଥିଲା। ପୁଣି ସମସ୍ତ ମାନବ ପରମେଶ୍ୱରଙ୍କ ସହିତ ପୁନର୍ବାର ମିଳନ ପାଇଁ ଏକ ପବିତ୍ର ପରିପୂର୍ଣ୍ଣ ବଳୀର ଆବଶ୍ୟକ ହେଲା।

ପ୍ରଶ୍ନ-

୧. ଭଲ ଓ ମନ୍ଦର ଜ୍ଞାନଦାୟକ ବୃକ୍ଷର ଫଳ ମାତ୍ର ନ ଖାଇବା ପାଇଁ ପରମେଶ୍ୱର ଆଦମକୁ କହିଥିଲେ।

a. ___________ହଁ b. ___________ନାହିଁ

୨. ଆଦମ, ସେହିପରି ତାଙ୍କରି ଦ୍ୱାରା ଆସିଥିବା ମାନବ ସମସ୍ତେ।

a. ___________ ପରମେଶ୍ୱରଙ୍କ ସହିତ ସମତୁଲ୍ୟ।

b. ___________ନିଶ୍ୱାସ ପ୍ରଶ୍ୱାସ ନେବା ସମସ୍ତ ଜୀବ।

c. ___________ପରମେଶ୍ୱରଙ୍କ ସଦୃଶ୍ୟ।

୩. ଭଲ ଓ ମନ୍ଦର ଜ୍ଞାନ ଦାୟକ ଫଳ ଖାଇବା ମନା କରିଥିବା ବିଷୟ ହବାକୁ ଜଣାନଥିଲା।

a. ______ହଁ b.________ ନାହିଁ

୪.ତାଙ୍କରି ସ୍ୱରୁପରେ ନିର୍ମିତ ମାନବ ଅନାଜ୍ଞା ବହତା ହେତୁ ପରମେଶ୍ୱର ସେମାନଙ୍କ ସକାଶୁ ଦୁଃଖିତ ହେଲେ?

a. ______ହଁ b.________ ନାହିଁ

୫. ହବା ମନା କରିଥିବା ଫଳ ଖାଇବା ପାଇଁ କହିବାରୁ ଆପଣା ନିମନ୍ତେ ତାଙ୍କୁ ନିର୍ମାଣ କରିବା ହେତୁରୁ, ଆଦମକୁ ଅନ୍ୟ ଏକ ମାର୍ଗ ନଥିଲା।

a. ______ହଁ b.________ ନାହିଁ

Please purchase 'e-PDF Converter and Creator' on http://www.e-pdfconverter.com to remove this message.

## ଆଦି ମାନବ

## ଆଦି ପୁସ୍ତକ: ୪-୬

## ପାଠ- ୨

## ଆଦମ ଏବଂ ହବା

ଭଲ ଓ ମନ୍ଦ ଜ୍ଞାନଦାୟକ ଫଳ ନ ଖାଇବା ପାଇଁ ପରମେଶ୍ୱର ସେମାନଙ୍କୁ ଦେଇଥିବା ପ୍ରଥମ ଆଜ୍ଞା। ପରମେଶ୍ୱର ସୃଷ୍ଟିରେ ପ୍ରଥମ ମାନବ ଆଦମ ଓ ହବା। ସେହି ଆଜ୍ଞା ହବା ଜାଣିଥିଲେ ଶୁଦ୍ଧା ଅଭିଳାସ ହେତୁ ଆକର୍ଷିତ ହୋଇ ସେହି ଫଳ ଖାଇଲା ଏବଂ କେତେକ ଆଦମକୁ ଦେଲା। ସେ ମଧ୍ୟ ଖାଇଲା। ସର୍ପ ରୂପରେ ଥିବା ଶଇତାନ୍ ପାପ କରିବା ନିମନ୍ତେ ପ୍ରେରଣ କଲା। ଏହି କାର୍ଯ୍ୟ ସକାସୁ ପରଦେଶୀ ସଦୃଶ୍ୟ ଏଦନ ଉଦ୍ୟାନରୁ ସେମାନେ ବିତାଡିତ ହେଲେ ଏବଂ ସେମାନଙ୍କର ପାପ ହେତୁ ଅନେକ କାମନାରେ ପ୍ରତିଫଳ ଅନୁଭବ କଲେ। ଏହି ପ୍ରତିଫଳର କାରଣ ହେତୁ ସେମାନେ ପରମେଶ୍ୱରଙ୍କଠାରୁ ଦୂରେଇ, କଷ୍ଟ ଏବଂ ମରଣ ଭୋଗିଲେ।

ପ୍ରଥମ ପରିବାରର ସେମାନଙ୍କୁ ଘଟିବା ଅତିବଡ଼ କଷ୍ଟ କ'ଣ ମାନେ ସେମାନଙ୍କ ପ୍ରଥମ ସନ୍ତାନ ପୁତ୍ରମାନଙ୍କରୁ ଜଣେ କୟିନ, ହେବଲକୁ ହତ୍ୟା କରି ମାରି ପକାଇଲା। ହତ୍ୟା କରିବା ପୂର୍ବରୁ ହିଁ କୟିନଙ୍କ ହୃଦୟ ଦୈବିକ ଭାବେ, ପବିତ୍ର ନଥିଲା ବୋଲି ଜଣାପଡୁଛି, ପୁଣି ପାପରେ ଥିଲା ପରି ବୁଝାପଡୁଛି। କୟିନ ଓ ହେବଲ ଦୁଇ ଜଣ ପରମେଶ୍ୱରଙ୍କୁ ଉତ୍ସର୍ଗ କରିଥିଲେ।ହେବଲଙ୍କ ଉତ୍ସର୍ଗ ପରମେଶ୍ୱର ଗ୍ରାହ୍ୟ କଲେ କିନ୍ତୁ କୟିନଙ୍କଠାରେ ପାପ ଥିବା ସକାଶୁ ପରମେଶ୍ୱର ତାଙ୍କରି ଉତ୍ସର୍ଗ ଆଗ୍ରାହ୍ୟ କଲେ ଏଣୁ ସେ ଅଧମୁଖ ହେଲେ।

### କୟିନ ଏବଂ ହେବଲ

ବିଶ୍ୱାସ ଦ୍ୱାରା ହେବଲ ଇଶ୍ୱରଙ୍କ ଛାମୁରେ କୟିନ ଅପେକ୍ଷା ଉତ୍କୃଷ୍ଟ ବଳି ଉତ୍ସର୍ଗ କଲେ ବୋଲି ହେବ୍ରି ୧୧:୪ ରେ ଲେଖାଯାଇଛି। ଆଜ୍ଞା ବହତା ପ୍ରେମକୁ ବିଶ୍ୱାସ ହିଁ (ଆଧାର) ପ୍ରମାଣ ଅଟେ। ଏଣୁ ହେବଲଙ୍କ କ୍ରିୟା ଏବଂ ବ୍ୟବହାର ପରମେଶ୍ୱରଙ୍କୁ ସନ୍ତୁଷ୍ଟ ହେଲା। କିନ୍ତୁ କୟିନଙ୍କ କ୍ରିୟା ଏବଂ ବ୍ୟବହାର ପରମେଶ୍ୱରଙ୍କୁ ଅସନ୍ତୁଷ୍ଟ ହେଲା। ଏଣୁ କୟିନ ଉତ୍ସର୍ଗ କରିଥିବା ବେଳେ " କୟିନଙ୍କ ସହିତ ପରମେଶ୍ୱର କହିଲେ" ସତ୍କର୍ମ କଲେ, କି ତୁମ୍ଭେ ଉର୍ଦ୍ଧ୍ୱମୁଖ ହେବ ନାହିଁ? ସତ୍କର୍ମ ନ କଲେ, ପାପ ଦ୍ୱାରରେ ଛକି ଥାଏ; ତୁମ୍ଭ ପ୍ରତି ତାହାର ବାସନା ରହିବ, ମାତ୍ର ତୁମ୍ଭେ ତାହା ଉପରେ କର୍ତ୍ତୃତ୍ୱ କରିବ" ଆଦି- ୪:୭।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

ଏଣୁ କୟିନ ଅର୍ପଣ କରିଥିବା ଉତ୍ସର୍ଗ ଅବା ତାଙ୍କରି ବ୍ୟବହାର ଶୈଳି କି ଅବା ଏହି ଦୁଇଟି ବିଷୟ୍ ଗ୍ରହଣ ଯୋଗ୍ୟ ନଥିଲା ବୋଲି ଦେଖା ଯାଉଛି । ତାଙ୍କୁ ରହିଥିବା ଶ୍ରେଷ୍ଠ ପଶୁକୁ ସେ ଉତ୍ସର୍ଗ କରି ନ ଥାଇପାରେ କିମ୍ବା ଅନୁମତି କରିଥିବା ବିଷୟ୍ କରି ନ ଥାଇପାରେ, କିମ୍ବା ଯାହା କରିବା ବିଷୟ୍ ତାହା କରି ନ ଥାଇପାରେ। ଅଥବା ( ତାହାଙ୍କ ସେଠାରେ) ପରମେଶ୍ୱରଙ୍କ ପ୍ରତି ପ୍ରେମ ନ ଥାଇ କରିଥାଇପାରେ। ଏଣୁ ତାହା କେଉଁ ପ୍ରକାର କାର୍ଯ୍ୟ ହେଉନା କାହିଁକି, ପରମେଶ୍ୱର ତହିଁରେ ସନ୍ତୁଷ୍ଟ ନ ଥିଲେ। ପରମେଶ୍ୱର ତାହା କାହିଁକି ଗ୍ରହଣ କଲେ ନାହିଁ କୟିନଙ୍କୁ ଜଣାଥିବ। ତାହାରି ପ୍ରତିଫଳ କ'ଣ ମାନେ ଭୂମି ତାଙ୍କ ପାଇଁ ଫଳ ଉତ୍ପନ କଲା ନାହିଁ, ଆଉ ସେ ଦେଶ ଭ୍ରମଣକାରୀ ହେଲା । ଏହାହିଁ ତାଙ୍କ ପାଇଁ ଶିକ୍ଷା ।

**ନୋହ**

ସେ ରହିଥିବା କାଳରେ ଧାର୍ମିକ ଥିଲେ। ଆସୁଥିବା ଜଳପ୍ଳାବନ ଠାରୁ ଧାର୍ମିକମାନଙ୍କୁ କିପରି ରକ୍ଷା କରିବା ବିଷୟ୍ ପରମେଶ୍ୱର ନୋହଙ୍କୁ ଜଣାଇଲେ। ଜାହାଜ ନିର୍ମାଣ କର ବୋଲି କହି ଦେଇଥିବା ସୁଚନା ଓ ମାପ ଅସାଧାରଣ ଥିଲା କିନ୍ତୁ ସ୍ପଷ୍ଟ ହୋଇଥିଲା। ଏକ ପ୍ରକାର କାଠରୁ ନିର୍ମାଣ କରି ଅତି ଲମ୍ବା, ଓସାର ଓ ଉଚ୍ଛ ଥାଇ ଗୋଟିଏ ଝରକା ଗୋଟିଏ କବାଟ ରହିଥିବା ଗୋଟିଏ ଜାହାଜ ତାହାଙ୍କୁ ଏବଂ ତାଙ୍କ ପରିବାରକୁ କିପରି ରକ୍ଷାପାଇପାରିବୁ ବୋଲି ନୋହ ପରମେଶ୍ୱରଙ୍କୁ ପଚାର ଥାଇ ପାରନ୍ତି, ଆଦି- ୬:୧୫ । ହେଲେ ମଧ୍ୟ ଶ୍ରୀଘ୍ର ସେହି ମାପ ଓ ସୂଚନା ଅନୁଯାୟୀ ଜାହାଜ ନିର୍ମାଣ ଆରମ୍ଭ କଲେ। ତାଙ୍କ ସେହି କାଳର ପ୍ରଜାମାନଙ୍କ ବିମୁଖ ଓ ପାପରେ ରହିଥିବା ଜୀବନ ଶୈଳୀ ହେତୁ ନୋହ ଚେ଼ତନା ଦେଲେ। ପଦ ଏବ୍ରି ୧୧:୭ ରେ ଆମ ପଢ଼ିପାରୁ" ବିଶ୍ୱାସ ଦ୍ୱାରା ନୋହ ସେ ସମୟ୍ ପର୍ଯ୍ୟନ୍ତ ଅପ୍ରକାଶିତ ବିଷୟ୍ ସମ୍ବନ୍ଧରେ ପ୍ରତ୍ୟାଦେଶ ପାଇ ଭକ୍ତି ସହକାରେ ଆପଣା ପରିବାରର ରକ୍ଷା ନିମନ୍ତେ ଗୋଟିଏ ଜାହାଜ ନିର୍ମାଣ କଲେ। ପୁଣି ସେହି ବିଶ୍ୱାସ ଦ୍ୱାରା ସେ ଜଗତକୁ ଦୋଷୀ କରି ବିଶ୍ୱାସନୁଯାୟୀ ଧାର୍ମିକତାର ଅଧିକାରୀ ହେଲେ।

ବାଇବଲରୁ ପ୍ରଥମ ପୁସ୍ତକରୁ କେବଳ ପାଞ୍ଚ ଅଧ୍ୟାୟ୍ ମଧ୍ୟରେ ତିନୋଟି ସନ୍ଧର୍ବରେ ସେମାନଙ୍କ ନିଜ ଆଲୋଚନାରେ ଆଉଜି ପଡ଼ି ପରମେଶ୍ୱରଙ୍କୁ ଆଜ୍ଞାକୁ ଅନଜ୍ଞାବହ ହେବା ପ୍ରଜାମାନଙ୍କୁ ଦେଖିପାରୁ। ଜଣେ ଜ୍ଞାନ ଲାଭ ପାଇଁ ତାହା ଆବଶ୍ୟକ ବୋଲି ତାଙ୍କରି ଚକ୍ଷୁର ଅଭିଳାସ ହେତୁ ପରମେଶ୍ୱରଙ୍କ ଅନଜ୍ଞାବହ ହେଲେ, ପରମେଶ୍ୱରଙ୍କୁ ଆରାଧନା କରିବା ସମୟ୍ରେ ପରମେଶ୍ୱରଙ୍କୁ ଇଚ୍ଛାଥିବା ବିଷୟ୍ ଉତ୍ସର୍ଗ ନକରି ଅନାଜ୍ଞାବହ ହେଲେ। ଆଉ ଏକ ସମୁହ ସେମାନଙ୍କ ହୃଦୟ୍ ଅନ୍ତଃକରଣର ଭାବନା ସମସ୍ତ ମନ୍ଦଥିବାରୁ ପରମେଶ୍ୱରଙ୍କ ଅନଜ୍ଞାନବହ ହେଲେ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

ପ୍ରତ୍ୟେକ ସନ୍ଦର୍ଭରେ ପରମେଶ୍ୱର ସେମାନଙ୍କ ଦୁଷ୍ଟ କ୍ରିୟାସକାଶୁ ସନ୍ତୁଷ୍ଟ ନହୋଇ ସେମାନଙ୍କୁ ଯଥାର୍ଥ ବାକ୍ୟଦ୍ୱାରା ସମସ୍ତଙ୍କ ବିରୋଧରେ ବିଚାର କଲେ। ସୃଷ୍ଟିକର୍ତ୍ତା (ଯଥାର୍ଥ) ସରଳଚାରି ପରମେଶ୍ୱର ଏଣୁ ସେମାନଙ୍କ କ୍ରିୟା ଅନୁଯାୟୀ ପ୍ରତିଫଳ ଦେଲେ।

ପ୍ରଶ୍ନ:

୧. କୟିନର ଉତ୍ସର୍ଗ ପରମେଶ୍ୱର ଗ୍ରହଣ କଲେ ନାହିଁ କାହିଁକି ଅର୍ଥାତ୍ ...........

a. ______ ପଶୁବଳୀ ବଦଳେ ଋଷ୍ୟରଫଳ ଉତ୍ସର୍ଗ କରିଥିଲେ।

b. ______ କୟିନ ଆଜ୍ଞାପିତ ହୋଇନଥିଲେ ଏବଂ ଉତ୍ସର୍ଗ କରିବା ବିଷୟରେ ପାପ କଲେ।

c. ______ ଉତ୍ତମ ସମସ୍ତ ତାଙ୍କ ନିମନ୍ତେ ରଖିଥିଲେ।

d. ______ ଏହା ପ୍ରକାଶିତ କରିନ ଥିଲେ।

୨. ନୋହ ପରମେଶ୍ୱରଙ୍କ ଉଦ୍ଦେଶ୍ୟକୁ ନିଜର ଆଲୋଚନା ଯୋଡ଼ି ନଥିଲେ।

a. ______ ହଁ b.________ ନାହିଁ

୩. ନୋହଙ୍କ ବିଶ୍ୱାସ କେଉଁଠାରେ ଆଧାରିତ ଥିଲା।

a. ପରମେଶ୍ୱର ଯାହା ଚାହିଁଥିଲେ ସେଥିପାଇଁ ସେ ଆଲୋଚନା କଲେ।

b. ପରମେଶ୍ୱର ଯାହା ଚାହିଁଥିଲେ, ଅନ୍ୟମାନଙ୍କ ଅଭିପ୍ରାୟ।

c. ପରମେଶ୍ୱର ଯାହା ଆବଶ୍ୟକ ବୋଲି କହିଲେ ସେହି ପରମେଶ୍ୱରଙ୍କ ଜ୍ଞାନ।

୪. ତାହାଙ୍କ ସ୍ୱରୂପରେ ମନୁଷ୍ୟକୁ ନିର୍ମାଣ କରିବା ସମୟରେ ପରମେଶ୍ୱର ଦୁଃଖିତ ହେଲେ।

a. ______ ହଁ b.________ ନାହିଁ

୫. ପରମେଶ୍ୱରଙ୍କ ଅନାଜ୍ଞାବହ ହୋଇ ଯେ ତାହାଙ୍କ ବିରୋଧି ହୁଅନ୍ତି, ତାହାଙ୍କୁ ପ୍ରତିଫଳ ଦେବେ।

a. ______ ହଁ b.________ ନାହିଁ

Please purchase 'e-PDF Converter and Creator' on http://www.e-pdfconverter.com to remove this message.

# ସେମାନଙ୍କ ମନନିତ

## ଆଦିପୁସ୍ତକ - ୭-୧୦

## ପାଠ- ୩

ନୋହ ପରମେଶ୍ୱରଙ୍କ ଆଜ୍ଞାବହତା ଥିବା ଜଣେ ଧାର୍ମିକ ବ୍ୟକ୍ତି । ଜଳ ପ୍ଲାବନରୁ ମାନବ ଜାତିକୁ ରକ୍ଷା କରିବାର୍ଥେ ବିଶ୍ୱାସରେ ଗୋଟିଏ ଜାହାଜ ନିର୍ମାଣ କଲେ । ଜାହାଜ ନିର୍ମାଣ କଲାପରେ ତାହାଙ୍କ ପରିବାର ତହିଁରେ ପ୍ରବେଶ କଲେ ଏବଂ ନିଶ୍ୱାସ ଥିବା ପ୍ରତ୍ୟେକ ଜୀବ ତହିଁରେ ପ୍ରବେଶ କଲାପରି ପରମେଶ୍ୱର କଲେ । ପରେ ଆକାଶ ଉନ୍ମୁକ୍ତ କରି ମହାଜଳ ଭୂମି ଉପରେ ବର୍ଷାଇଲେ । ମହା ଜଳପ୍ଲାବନ ଘଟିଲା । ପରମେଶ୍ୱର ଜାହାଜର କବାଟ ବନ୍ଦ କରି ଜାହାଜ ଭିତରେ ଥିବା ନୋହଙ୍କ ପରିବାର ଛଡ଼ା ସମସ୍ତ ସୃଷ୍ଟିକୁ ବିନଷ୍ଟ କଲେ । ଦିନ, ମାସ ପରେ ଜଳହ୍ରାସ ହେଲା । ତାହାପରେ ନୋହ ଓ ତାଙ୍କ ପରିବାର ଏବଂ ସମସ୍ତ ଜୀବଜନ୍ତୁ ଜାହାଜରୁ ବାହାରକୁ ଆସିଲେ ।

ସେତେବେଳେ ନୋହ ଏକ ଯଜ୍ଞବେଦି ନିର୍ମାଣ କରି ବଳୀ ଉତ୍ସର୍ଗ କରି ପରମେଶ୍ୱରଙ୍କୁ ଆରାଧନା କଲେ ।

" ତହିଁରେ ସଦାପ୍ରଭୂ ତହିଁର ସୁଗନ୍ଧ ଆଘ୍ରାଣ କରି ମନେ ମନେ କହିଲେ, ଆମ୍ଭେ ମନୁଷ୍ୟ ହେତୁରୁ ଆଉ ପୃଥିବୀକି ଅଭିଶାପ ଦେବା ନାହିଁ । ଯଦ୍ୟପି ବାଲ୍ୟକାଳଠାରୁ ମନୁଷ୍ୟ ମନର କଳ୍ପନା ମନ୍ଦ, ତଥାପି ଆମ୍ଭେ ଯେପରି କରିଅଛୁ । ସେପରି ଆଉ ଥରେ କେବେହେଁ ସବୁ ପ୍ରାଣୀକୁ ବିନଷ୍ଟ କରିବା ନାହିଁ । ପୁଣି ଯେପର୍ଯ୍ୟନ୍ତ ପୃଥିବୀ ଥିବ, ସେ ପର୍ଯ୍ୟନ୍ତ ବୁଣାକଟାର ସମୟ, ଶୀତ ଓ ଗ୍ରୀଷ୍ମ, ପୁଣି ଗ୍ରୀଷ୍ମ ଓ ଶୀତ କାଳ, ଆଉ ଦିବସ ଓ ରାତ୍ରୀ, ଏହି ସବୁର ନିବୃତ୍ତି ହେବ ନାହିଁ ଆଦି ୮: ୨୧-୨୨.

ପରମେଶ୍ୱର ନୋହଙ୍କୁ କେତେକ ସୂଚନା ଓ ଆଜ୍ଞା ମଧ୍ୟ ଦେଇଥିଲେ ଆଦି - ୯:୩-୬.

A. ପ୍ରତ୍ୟେକ ଗମନଶୀଳ ପ୍ରାଣୀ ତୁମ୍ଭମାନଙ୍କର ଖାଦ୍ୟ ହେବ ।

B. ଆମ୍ଭେ ହରିତ୍ ଶାକ ପାଇ ଏହି ସମସ୍ତ ତୁମ୍ଭ ମାନଙ୍କୁ ଦେଲୁ ।

C. ତୁମ୍ଭେମାନେ ସପ୍ରାଣ ରକ୍ତ, ମାଂସ ଖାଇବ ନାହିଁ । କାରଣ ରକ୍ତରେ ଜୀବନ ଅଛି ।

D. ପୁଣି ଆମ୍ଭେ ତୁମ୍ଭମାନଙ୍କ ଜୀବନରୂପ ରକ୍ତପାତର ପରିଶୋଧ ନିତାନ୍ତ ନେବା,ପ୍ରତ୍ୟେକ ପଶୁଠାରୁ ହେଉ କି ମନୁଷ୍ୟଠାରୁ ହେଉ ତାହାର ପରିଶୋଧ ନେବା,ଆମ୍ଭେ ପ୍ରତ୍ୟେକ ମନୁଷ୍ୟର ଭ୍ରାତାଠାରୁ ମନୁଷ୍ୟର ପ୍ରାଣର ପରିଶୋଧ ନେବା ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

E. ଯେ କେହି ମନୁଷ୍ୟର ରକ୍ତପାତ କରିବ । ମନୁଷ୍ୟ ଦ୍ଵାରା ତାହାର ରକ୍ତପାତ କରାଯିବ । ଯେହେତୁ ପରମେଶ୍ଵର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ନିର୍ମାଣ କରିଅଛନ୍ତି ।

F. ତୁମ୍ଭେମାନେ ପ୍ରଜାବନ୍ତ ଓ ବହୁ ବଂଶ ହୁଅ ଆଉ ପୃଥିବୀକୁ ପରିପୂର୍ଣ୍ଣ କରି ବର୍ଦ୍ଧିଷ୍ଣୁ ହୁଅ । ସେହି ସମୟରେ ପରମେଶ୍ଵର ନୋହ ଏବଂ ସମସ୍ତ ଜୀବ ସହିତ ଏକ ନିୟମ କଲେ ।

ନୋହଙ୍କ ପରେ ତାହାଙ୍କ ସନ୍ତାନ ହାମ ତାଙ୍କ ଭ୍ରାତାଙ୍କ ତାଙ୍କୁ ଦାସତ୍ଵ ପାଇଁ, ପିତାଙ୍କଠାରେ ଅମର୍ଯ୍ୟାଦାରେ ପ୍ରବର୍ତ୍ତାଇବା ହେତୁ ଶାପଗ୍ରସ୍ତ ହେଲା । ଏହି ପ୍ରକାର ପାପ ପୁନର୍ବାର କବାଟ ପରି ଖୋଲା କଲା । ରୋମୀ ୧:୨୮-୩୨ ଯେପରି ସେମାନେ ଇଶ୍ଵର ବିଷୟକ ଜ୍ଞାନ ଗ୍ରହଣ କରିବାକୁ ଅସ୍ଵୀକୃତ ହେଲେ । ସେହିପରି ଇଶ୍ଵର ଅନୁଚିତ୍ କର୍ମ କରିବା ନିମନ୍ତେ ସେମାନଙ୍କୁ ଭ୍ରଷ୍ଟ ମତିରେ ସମର୍ପଣ କଲେ । ସେମାନେ ସର୍ବ ପ୍ରକାର ଅଧର୍ମ, ଦୁଷ୍ଟତା, ଲୋଭ, ହିଂସା, ଇର୍ଷା, ବଧ, ବିବାଦ, ଛଳ ଓ ମନ୍ଦତାରେ ପରିପୂର୍ଣ୍ଣ; ସେମାନେ କର୍ଣ୍ଣେଜପ, ନିନ୍ଦକ, ଇଶ୍ଵରଙ୍କ ଘୃଣ୍ୟ, ଅତ୍ୟାଚାରୀ, ଦାମ୍ଭିକ, ଅହଂକାରୀ ଦୁଷ୍ଟ କର୍ମର ଉତ୍ପାଦକ, ପିତାମାତାଙ୍କ ଅନାଜ୍ଞାବହ ନିର୍ବୋଧ, ନିୟମ ଭଗ୍ନକାରୀ, ସ୍ଵାଭାବିକ ସ୍ନେହ- ରହିତ ଓ ନିର୍ଦ୍ଦୟ ଅଟନ୍ତି । ଯେଉଁମାନେ ଏହିପରି ଆଚରଣ କରନ୍ତି । ସେମାନେ ଯେ ମୃତ୍ୟୁର ଯୋଗ୍ୟ, ଇଶ୍ଵରଙ୍କର ଏହି ବିଧାନ ସେମାନେ ଜାଣିଲେ ସୁଦ୍ଧା କେବଳ ଯେ ଏହି ପ୍ରକାର ଆଚରଣ କରନ୍ତି, ତାହା ନୁହେଁ, କିନ୍ତୁ ଏହିପରି ଆଚରଣ କରୁଥିବା ଲୋକମାନଙ୍କ ପକ୍ଷ ଆନନ୍ଦରେ ସମର୍ଥନ କରନ୍ତି" ।

ନୋହଙ୍କ କାଳକୁ ଏବଂ ବର୍ତ୍ତମାନ ଆମ୍ଭମାନଙ୍କ ପରିସ୍ଥିତିରେ ସମତୁଲ୍ୟ ଜାଣିପାରିବ ।

A. ସେହି ଲୋକମାନେ ପାପରେ ଥିଲେ ପୁଣି ଆମ୍ଭେମାନେ ମଧ୍ୟ ପାପି । ରୋମା-୩:୨୩ ସମସ୍ତେ ତ ପାପ କରିଅଛନ୍ତି । ପୁଣି ଇଶ୍ଵରଙ୍କ ଗୌରବ ରହିତ ହୋଇ ଅଛନ୍ତି ।

B. ସେମାନେ ପାପ ହେତୁ ମୃତ୍ୟୁ ବରଣ କଲେ ପୁଣି ଆମ୍ଭେ ମଧ୍ୟ ମୃତ୍ୟୁ ହେବୁ- ଯୋହନ ୮:୨୪ "ତୁମ୍ଭେମାନେ ଯେ ଆପଣା ଆପଣା ପାପରେ ମରିବ, ମୁଁ ତୁମ୍ଭମାନଙ୍କୁ ଏହା କହିଲି" ।

C. ଧାର୍ମୀକ ବଂଶ ରକ୍ଷା ପାଇବା ପାଇଁ କ'ଣ କରିବା କର୍ତ୍ତବ୍ୟ ନୋହ କହିଥିଲେ । ପୁଣି ଆମକୁ ମଧ୍ୟ କୁହାଯାଇଛି । ଯୋହନ ୮:୨୪ ମୁଁ ଯେ ସେହି ବ୍ୟକ୍ତି, ଏହା ତୁମ୍ଭେମାନେ ବିଶ୍ଵାସ ନକଲେ ଆପଣା ଆପଣା ପାପରେ ମରିବ ।

D. ନୋହଙ୍କ କାଳରେ ରହିଥିବା ସମସ୍ତଙ୍କୁ ଜଳପ୍ଲାବନରୁ ରକ୍ଷାପ୍ରାପ୍ତି ନିର୍ଣ୍ଣୟ ପାଇଁ ଏକ ଅବକାଶ ଥିଲା ପୁଣି ନିର୍ଣ୍ଣୟ କରିବା ପାଇଁ ଆମକୁ ଅବକାଶ ଦିଆଯାଇଛି । ୨ କରନ୍ତି ୬:୨ " ଦେଖ ଏବେ ମହା ଅନୁଗ୍ରହର ସମୟ; ଦେଖ ଏବେ ପରିତ୍ରାଣର ଦିନ" ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

ପ୍ରଶ୍ନ

୧. ପରମେଶ୍ୱରଙ୍କ ବାକ୍ୟକୁ ଅନୁସରଣ କରି ଜାହାଜ ନିର୍ମାଣ ଏବଂ ମାନବଜାତିକୁ ( ରୋକି) ରକ୍ଷାକରିବାରୁ ନୋହ ଧାର୍ମିକ ଗଣିତ ହେଲେ ।

a. _____ ହଁ b._______ ନାହିଁ

୨. ଜଣେ ପରିତ୍ରାଣ ଗ୍ରହଣ କରିବା ପାଇଁ ଅନୁଗ୍ରହର ସମୟ ।

a. _____ ଜଣେ ଦୁଷ୍ଟତା ସମାଧି କଲା ପରେ ।

b._______ ପରିବାରର କାର୍ଯ୍ୟ ଅପେକ୍ଷା ଏହି ସମୟର ଅତି ମୂଲ୍ୟବାନ୍ ନୁହେଁ ।

c._______ ଆଉ ଏକ ସମୟ ନାହିଁ, ଏବେ ହିଁ ଅନୁଗ୍ରହର ସମୟ ।

୩. ନୋହ ପରମେଶ୍ୱରଙ୍କ ଆରାଧନା କଲା ପରେ । ଆଉ କେବେହିଁ ଜୀବଜଗତକୁ ପୁନର୍ବାର ଜଳ ପ୍ଲାବନ ଦ୍ୱାରା ବିନଷ୍ଟ କରିବି ନାହିଁ ବୋଲି ପରମେଶ୍ୱର ପ୍ରମାଣ କରିଥିଲେ ।

a. _____ ହଁ b._______ ନାହିଁ

୪. ଜାହାଜ ନିର୍ମାଣ କରିବା ପାଇଁ ପରମେଶ୍ୱର ଦେଇଥିବା ମାପ ହିଁ ନୋହ ଅନୁସରଣ କଲେ ।

a. _____ ହଁ b._______ ନାହିଁ

୫. ଯୀଶୁଖ୍ରୀଷ୍ଟଙ୍କୁ ବିଶ୍ୱାସ ନ କରିବା ବ୍ୟକ୍ତି ତାଙ୍କର ପାପରେ ହିଁ ସେ ବିନଷ୍ଟ ହେବ ।

a. _____ ହଁ b._______ ନାହିଁ

Please purchase 'e-PDF Converter and Creator' on http://www.e-pdfconverter.com to remove this message.

# ନିୟମ

## ଆଦିପୁସ୍ତକ ୧୨-୧୭

## ପାଠ-୪

ପରମେଶ୍ୱରଙ୍କ ଆଜ୍ଞାବହ ହେବା ଅପେକ୍ଷା ସେମାନଙ୍କ ନିଜ ଅଭିଳାଷ ଯୋଗୁଁ ଆକର୍ଷିତ ହେଲେ ଆଦମ, ହବା ପରିକ୍ଷାର ସମ୍ମୁଖୀନ ହେଲା ପରେ, ଜଳପ୍ଲାବନର ଦୁଇଶହ ନବେ ବର୍ଷ ପରେ ଅର୍ଥାତ ପ୍ରସ୍ତର ଫଳକରେ କେତେକ ଆଜ୍ଞା ମୋଶାଙ୍କୁ ଦେବା କେତେ ବର୍ଷ ପୂର୍ବରୁ ତେରହ ଅବ୍ରହମକୁ ଜାତ କଲା। ଅବ୍ରହମ ବୟସ ପ୍ରାପ୍ତ ହେଲା ପରେ ପରମେଶ୍ୱର ଅବ୍ରହମଙ୍କ ସହିତ ଗୋଟିଏ ପ୍ରତିଜ୍ଞା ଏହିପରି କଲେ। " ଏ ଉତ୍ତାରୁ ସଦାପ୍ରଭୂ ଅବ୍ରାହମକୁ କହିଲେ, ତୁମ୍ଭେ ଆପଣା ଦେଶ ଓ ଜ୍ଞାତି କୁଟୁମ୍ବ ଓ ପୈତୃକ ଗୃହ ପରିତ୍ୟାଗ କରି ଆମ୍ଭେ ଯେଉଁଦେଶ ତୁମ୍ଭକୁ ଦେଖାଇବା ସେହି ଦେଶକୁ ଯାଅ। ଆମ୍ଭେ ତୁମ୍ଭଠାରୁ ଏକ ମହାଗୋଷ୍ଠୀ ଉତ୍ପନ୍ନ କରିବା, ପୁଣି ଆମ୍ଭେ ତୁମ୍ଭକୁ ଆର୍ଶୀବାଦ କରି ତୁମ୍ଭର ନାମ ମହତ କରିବା, ତୁମ୍ଭେ ଆର୍ଶୀବାଦର ଆକର ହେବ, ଯେଉଁମାନେ ତୁମ୍ଭକୁ ଆର୍ଶୀବାଦ କରନ୍ତି। ଆମ୍ଭେ ସେମାନଙ୍କୁ ଆଶୀର୍ବାଦ କରିବା, ପୁଣି ଯେକେହି ତୁମ୍ଭକୁ ଅଭିଶାପ ଦିଏ, ଆମ୍ଭେ ତାହାକୁ ଅଭିଶାପ ଦେବା,ଆଉ ତୁମ୍ଭଠାରୁ ପୃଥିବୀର ସବୁବଂଶ ଆଶୀର୍ବାଦ ପ୍ରାପ୍ତ ହେବେ"। ଆଦି- ୧୧:୧-୩। ପରମେଶ୍ୱର ଅବ୍ରାମ୍ ନାମକୁ ଅବ୍ରହାମ ନାମରେ ବଦଳାଇ ତାଙ୍କର ନିୟମକୁ ସ୍ଥିର କଲେ।

ଏବ୍ରୀ. ୧୧:୮-୧୧ ପଦରେ ଆମେ ଏହିପରି ପଢ଼ି ପାରୁ " ବିଶ୍ୱାସ ଦ୍ୱାରା ଅବ୍ରହାମ ଆହ୍ୱାନ ପ୍ରାପ୍ତ ହୁଅନ୍ତେ। ଯେଉଁ ଦେଶ ସେ ଅଧିକାର ସ୍ୱରୂପେ ପାଇବାକୁ ଯାଉଥିଲେ ଆଜ୍ଞା ବହ ହୋଇ ସେଠାରୁ ବାହାରି ଗଲେ, ପୁଣି ସେ କେଉଁଠାକୁ ଯାଉ ଅଛନ୍ତି। ତାହା ନଜାଣି ସୁଦ୍ଧା ବାହାରି ଗଲେ। ବିଶ୍ୱାସ ଦ୍ୱାରା ସେ ବିଦେଶୀ ସ୍ୱରୂପେ ପ୍ରତିଜ୍ଞାତ ଦେଶରେ ପ୍ରବାସୀ ହୋଇ ପ୍ରତିଜ୍ଞାର ସହାଧିକାରୀ ଇସ୍ହାକ୍ ଓ ଯାକୁବଙ୍କ ସହିତ ତମ୍ବୁରେ ବାସ କଲେ। କାରଣ ଯେଉଁ ନଗର ଭିତ୍ତିମୂଳ ବିଶିଷ୍ଟ, ପୁଣି ଯାହାର ଶିଳ୍ପୀ ଓ ନିର୍ମାତା ସ୍ୱୟଂ ଇଶ୍ୱର ସେ ତହିଁରେ ଅପେକ୍ଷାରେ ଥିଲେ। ବିଶ୍ୱାସ ଦ୍ୱାରା ସାରା ନିଜେ ମଧ୍ୟ ପ୍ରତିଜ୍ଞାକାରୀଙ୍କୁ ବିଶ୍ୱସ୍ତ ଜ୍ଞାନ କରି ଗତବୟସ୍କା ହେଲେ ହେଁ ଜାତିର ଆଦିମାତା ହେବାକୁ ଶକ୍ତି ପ୍ରାପ୍ତ ହେଲେ। ଅବ୍ରହାମଙ୍କ ସହିତ କରିଥିବା ନିୟମ ଗୋଟିଏ ଜାତି ପ୍ରଜାମାନଙ୍କୁ ନାହିଁ କିନ୍ତୁ ସମସ୍ତ ଜଗତର ମାନବଙ୍କ ସହିତ କରାଯାଇଛି ବୋଲି ସ୍ପଷ୍ଟ ଭାବେ ଜାଣିପାରିଲୁ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

ପରମେଶ୍ୱର ଅବ୍ରହାମ ଓ ତାଙ୍କରି ଭାର୍ଯ୍ୟା ସାରାଙ୍କ ସହିତ ଅନେକ ସନ୍ତାନ ଦେବି ବୋଲି ପ୍ରତିଜ୍ଞା କଲା ସମୟରେ ସେମାନଙ୍କୁ ସନ୍ତାନ ନଥିଲେ। ଜଣେ ପୁତ୍ରଙ୍କ ନିମନ୍ତେ ପ୍ରତିଜ୍ଞା ସଫଳ ହେବା ମଧ୍ୟରେ ସେମାନେ ସହନତା ହରାଇଲେ। ଅର୍ଥାତ୍ ମନୁଷ୍ୟଭାବରେ ଆଲୋଚ଼ନା କଲେ, ସେମାନଙ୍କ ହସ୍ତକୁ ନେଇ ତାହା ପରିଷ୍କାର କରିପାରିବୁ ବୋଲି ଭାବିଲେ। ସହନ ନଥିବା ହେତୁ ସେମାନେ କରିଥିବା ଏହି କାର୍ଯ୍ୟ ଯୋଗୁ ସେହି କାଳରେ ଇସ୍ରାଏଲ ବୋଲି ପ୍ରଥମ ସନ୍ତାନ, ଅର୍ଥାତ ସାରାର ଦାସୀଙ୍କୁ ଜନ୍ମିଥିବା ସନ୍ତାନକୁ ଏବଂ ପ୍ରତିଜ୍ଞା ସନ୍ତାନ ହୋଇଥିବା ଇସାହକଙ୍କ ସନ୍ତାନଙ୍କୁ କଳହ ହେଲା। ବର୍ତ୍ତମାନ ପର୍ଯ୍ୟନ୍ତ ସେହି କଳହ ଘଟି ଚାଲିଛି। ସନ୍ତାନ ଜାତ କରିବା ପାଇଁ ଅବ୍ରହାମ ଓ ସାରା ଶରୀର ଅସାଧ୍ୟ ହେବା ପର୍ଯ୍ୟନ୍ତ ପରମେଶ୍ୱର ଅପେକ୍ଷା କରିଥିଲେ। ପୁଣି ସେମାନେ ଗୋଟିଏ ସନ୍ତାନ ଜାତ କଲେ। ଅର୍ଥାତ୍ ତାହା କେବଳ ପରମେଶ୍ୱରଙ୍କ ପ୍ରତିଜ୍ଞା ଏବଂ ସେମାନଙ୍କ ବିଶ୍ୱାସ ଫଳ କହିଲେ ସନ୍ଦେହ - ତ୍ରୁଟି ହେବ ନାହିଁ। ଏବ୍ରୀ - ୧୧:୧୧-୧୨।

ଅବ୍ରହାମ ବହୁଲୋକର ପିତା ଏବଂ ବିଶ୍ୱାସୀମାନଙ୍କ ପିତା ବୋଲି ଡ଼କାଗଲେ ସୁଧା, ସେ ପାପ ନଥିବା ବ୍ୟକ୍ତି ନାହିନ୍ତି। ସେ ଅନେକ ଥରେ ମିଥ୍ୟା କହିଅଛନ୍ତି। କିନ୍ତୁ ସେ ପରମେଶ୍ୱରଙ୍କ ଦ୍ୱାରା ମନୋନିତ ହେବାରୁ ମନ ପରିବର୍ତ୍ତନ କରି, ତାଙ୍କରି ବିଶ୍ୱାସ ପରମେଶ୍ୱରଙ୍କଠାରେ ଥିଲା। ବିଶ୍ୱାସ କରିଥିବା ପ୍ରତ୍ୟେକକୁ ମୁକ୍ତ କରିବା ପାଇଁ ଅବ୍ରହାମ ସନ୍ତାନଠାରୁ ଅର୍ଥାତ ଇସ୍ହାକ୍ ଏବଂ ଯାକୁବଙ୍କ ଠାରୁ ଜଣେ ରକ୍ଷାକର୍ତ୍ତା ଆଗମନ ପାଇଁ ମାର୍ଗ ପସ୍ତୁତ ହେଲା। ସମସ୍ତ ମାନବ ଜାତିମାନଙ୍କୁ ଘଟିବା ପରି। ପରମେଶ୍ୱରଙ୍କୁ ବିଶ୍ୱାସ କରି ଆଜ୍ଞାବହକାରୀଙ୍କୁ ଆଶୀର୍ବାଦ ଓ ଯେ ବିରୋଧ ହୋଇ ଅନଜ୍ଞାକାରୀଙ୍କୁ ଶିକ୍ଷା ଦେବା ଆଚାର୍ଯ୍ୟ ନୁହେଁ। ପରମେଶ୍ୱର ଅବ୍ରହାମକୁ କରିଥିବା ନିୟମ ଆମକୁ ଖ୍ରୀଷ୍ଟଙ୍କ ଦ୍ୱାରା ସଫଳ ହେଉଛି। ଆମେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି ଆଜ୍ଞାବହ ହୋଇ ପରିତ୍ରାଣ ପ୍ରାପ୍ତ ଦ୍ୱାରା ଅବ୍ରହାମକୁ ଦେଇଥିବା ପ୍ରତିଜ୍ଞାର ସନ୍ତାନ ହୋଇଅଛୁ।

ଅବ୍ରାମଙ୍କର ଅନେଶ୍ୱତ ବର୍ଷ ବୟସରେ ସଦାପ୍ରଭୂ ତାଙ୍କୁ ଦର୍ଶନ ଦେଇ କହିଲେ, ଆମ୍ଭେ ସର୍ବଶକ୍ତିମାନ ପରମେଶ୍ୱର: ଆମ୍ଭ ଛାମୁରେ ଧର୍ମାଚରଣ କରି ତୁମ୍ଭେ ସିଦ୍ଧ ହୁଅ। ଆମ୍ଭେ ତୁମ୍ଭ ସହିତ ଆପଣା ନିୟମ ସ୍ଥିର କରି ତୁମ୍ଭକୁ ଅତିଶୟ ବୃଦ୍ଧି କରିବା ଆଦି-୧୭:୧-୨। ପୁରୁଷ ସନ୍ତାନ ସମସ୍ତଙ୍କୁ ସୁନ୍ନତି କର ବୋଲି ପରମେଶ୍ୱରଙ୍କ ଆଜ୍ଞାକୁ ଅବ୍ରହାମ ଆଜ୍ଞାବହ ହେବାରୁ ଏହି ନିୟମ ସ୍ଥିରିକୃତ ହେଲା। ମୋଶାଙ୍କୁ ବ୍ୟବସ୍ଥା ଦେବାର ଅନେକ ବର୍ଷ ପୂର୍ବରୁ ଅର୍ଥାତ୍ ଅବ୍ରାମ, ସାରାଙ୍କୁ ସନ୍ତାନ ପ୍ରାପ୍ତି ପୂର୍ବରୁ ଏହା ଘଟିଲା। ଏକ ବର୍ଷପରେ ଇସହାକ ଜନ୍ମବେଳେ ସେହି ନିୟମ ପ୍ରକାରେ ଅଷ୍ଟମ ଦିନରେ ଅବ୍ରହାମ ତାହାଙ୍କୁ ସୁନ୍ନତ କଲେ। ପରମେଶ୍ୱରଙ୍କୁ ଅବ୍ରହାମଙ୍କ ମଧ୍ୟରେ ଥିବା ଏହି

Please purchase 'e-PDF Converter and Creator' on http://www.e-pdfconverter.com to remove this message.

ସଂପର୍କ କେଉଁ ବିଷୟରେ ସୁଚ଼ନା ଦେଉଛି? ପ୍ରଥମେ ପରମେଶ୍ୱର ବିଶ୍ୱାସ ଓ ଆଜ୍ଞାବହ ଚାହାନ୍ତି। ଅବ୍ରହାମଙ୍କ ବିଶ୍ୱାସ ଦ୍ୱାରା ମନୁଷ୍ୟ ତାହାଙ୍କ ସହିତ ସମାଧାନ ହେବାର ମାର୍ଗ ପରମେଶ୍ୱର ଆରମ୍ଭ କଲେ। ସମସ୍ତ ମାନବର ପାପ ନିମନ୍ତେ ନାଜରିତ ଯୀଶୁ ପରିପୂର୍ଣ୍ଣ ବିଶ୍ୱାସର ଆଜ୍ଞାବହ ହୋଇ ଆପଣାକୁ ମହିମା ସଦୃଶ୍ୟବଳୀ ଅର୍ପଣ ହେବାର ସମୟ ପର୍ଯ୍ୟନ୍ତ ତାହା ପ୍ରତ୍ୟାଶିତ ହୋଇ ନଥିଲେ। ପରମେଶ୍ୱର ଅବ୍ରହାମକୁ କରିଥିବା ପ୍ରତିଜ୍ଞା କାର୍ଯ୍ୟକାରୀ ପାଇଁ ବିଶ୍ୱାସ ପ୍ରତ୍ୟାଶିତ ହେବା ପୂର୍ବରୁ ଅନେକ ଚ଼ରିତ୍ର ଘଟିଥିଲା। ଅବ୍ରହାମକୁ ତାଙ୍କରି ସନ୍ତାନକୁ ପ୍ରତିଜ୍ଞା କରାଯାଇଥିଲା। ସେହି ସନ୍ତାନ ଖ୍ରୀଷ୍ଟ, ସେହି ପ୍ରକାରେ ଆମେ ଖ୍ରୀଷ୍ଟଙ୍କଠାରେ ଥିଲେ , ଆମ୍ଭେମାନେ ମଧ୍ୟ ଅବ୍ରହାମଙ୍କ ସନ୍ତାନ ରୂପ ଡ଼କାଯିବୁ।

ଅବ୍ରହାମ ସହିତ ପରମେଶ୍ୱର କରିଥିବା ପ୍ରତିଜ୍ଞା ପ୍ରଥମଟି ସନ୍ତାନ ନିମନ୍ତେ ପ୍ରତିଜ୍ଞା। ତାହା ଇସାହକ ଦ୍ୱାରା ଅର୍ଥାତ ଅବ୍ରହାମର ପ୍ରଥମ ସନ୍ତାନ ଠାରୁ ପ୍ରାରମ୍ଭ ହେଲା। ଇସାହକ ଦ୍ୱାରା ହିଁ ନିୟମ ପରିଚାଳିତ ହେଲା, ଇଶ୍ମାୟେଲ ଦ୍ୱାରା ନୁହେଁ।

ଦ୍ୱିତୀୟଟି କାନାନ ସମ୍ବନ୍ଧରେ ତୁମ୍ଭେ ଉଠି ମୁଁ ଯେଉଁ ଦେଶ ଦେଖାଇବି ସେଇ ଦେଶକୁ ଯିବୁ ବୋଲି ପରମେଶ୍ୱର କହିବାରୁ ଅବ୍ରହାମ କାନାନ ଦେଶକୁ ଗଲେ। ସେତେବେଳେ ପରମେଶ୍ୱର ଅବ୍ରହାମଙ୍କ ସହିତ "ତୁମ୍ଭର ସନ୍ତାନମାନଙ୍କୁ ଏହି ଦେଶ ଦେବା ବୋଲି" ପ୍ରତିଜ୍ଞା କଲେ। ଅବ୍ରହାମଙ୍କ ସନ୍ତାନ ଏହି ଦେଶ ପ୍ରାପ୍ତ ପାଇଁ ମିସରରେ ୪୦୦ ବର୍ଷ ଦାସତ୍ୱରେ ରହି ମୁକ୍ତି ହୋଇ ୪୦ ବର୍ଷ ଅରଣ୍ୟରେ (ଚାଳିତ) ଯାତ୍ରା କଲା ପରେ ଅବଶିଷ୍ଟ ଇଶ୍ରାଏଲ ସନ୍ତାନମାନଙ୍କୁ କାନନ ଅର୍ଥାତ୍ ପ୍ରତିଜ୍ଞାତ ଦେଶ ସମର୍ପିତ ହେଲା। ସେହି ପ୍ରକାରେ ପରମେଶ୍ୱରଙ୍କ ସହିତ ପୂନରୁତ୍‌ଥାନ ପାଇଁ ଏହି ପ୍ରକାର ପ୍ରକିୟା ଘଟିଛି। ପରମେଶ୍ୱର ଆମ୍ଭ ପ୍ରତି ଦୟା ବହି, ଆପଣା ପୁତ୍ରଙ୍କୁ ପ୍ରେରଣ କରି ତାହାଙ୍କୁ ପରିପୁର୍ଣ୍ଣ ବଳୀ ଉତ୍ସର୍ଗ ରୂପେ, ଆମ୍ଭ ନିମନ୍ତେ କୃଶରେ ଅର୍ପଣ କଲେ। ମାନବ ପରମେଶ୍ୱରଙ୍କ ସହିତ (ସମାଧାନ) ଶାନ୍ତି ହେବାପାଇଁ, ଏହା ବ୍ୟତୀତ ଅନ୍ୟ ଏକ ଅବକାଶ ନାହିଁ, ତାହା ପରମେଶ୍ୱରଙ୍କ ବାକ୍ୟଠାରେ ଅର୍ଥାତ୍ ( ସମାଧାନ ଶାନ୍ତିର ବାର୍ତ୍ତା କୁ) ବିଶ୍ୱାସ ରଖି, ତାହାକୁ ଆଜ୍ଞାବହ ହେବାଦ୍ୱାରା ଆମ୍ଭେ ମଧ୍ୟ ପରମେଶ୍ୱରଙ୍କ ଶାନ୍ତି ପ୍ରାପ୍ତ ହେବୁ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

## <u>ପ୍ରଶ୍ନ</u>

୧. ତାହାଙ୍କ ସନ୍ତାନ ମାନବ ସମସ୍ତଙ୍କୁ ଆଶୀର୍ବାଦ ପାଇଁ ଅବ୍ରହାମକୁ ପରମେଶ୍ୱର ପ୍ରତିଜ୍ଞା କରିଥିଲେ।

a.________ଦଶ ଆଜ୍ଞା ଦେଲା ପରେ।

b.________ଇସହାକକୁ ଅବ୍ରହାମ ବଳୀ ଦେଲା ପରେ

c.________ସୁନ୍ନତି କରିବା ପୂର୍ବରୁ ଏବଂ କାନନ ପ୍ରସ୍ଥାନ ପୂର୍ବରୁ

୨. ଇସ୍ରାଏଲଙ୍କ ସହିତ ପ୍ରତିଜ୍ଞା କରିଥିବା ଅନେକ ବର୍ଷ ପୂର୍ବରୁ, ଅର୍ଥାତ ଅବ୍ରହାମଙ୍କ ସହିତ ପରମେଶ୍ୱର ପ୍ରତିଜ୍ଞା କରିବା ସମୟରେ ତାହା ପରମେଶ୍ୱରଙ୍କ ନିକଟରେ ଅବ୍ରହାମ ବିଶ୍ୱାସ କରିଥିବା ଇଛା ଉପରେ ହିଁ ଆଧାରିତ ଅଟେ।

a.________ ହିଁ      b.________ ନାହିଁ

୩. ଅବ୍ରହାମ ଏବଂ ଇସ୍‌ହାଙ୍କ ପରମେଶ୍ୱରଙ୍କ ପ୍ରତି ରହିଥିବା ବିଶ୍ୱାସ ଓ ଆଜ୍ଞାବହ ଦ୍ୱାରା ଇସ୍‌ହାକଙ୍କ ଭୌତିକ ଜୀବନ କଷ୍ଟମୟ ଥିଲା।

a.________ ହିଁ      b.________ ନାହିଁ

୪. ପରମେଶ୍ୱର ଅବ୍ରହାମଙ୍କ ସହିତ କରିଥିବା ନିୟମର ଦୁଇଟି ପ୍ରତିଜ୍ଞା ।

a.________ସନ୍ତାନ ଏବଂ ସଂମ୍ପତ୍ତି

b.________ସନ୍ତାନ ଏବଂ ଦେଶ

c.________ଧନ ଏବଂ ଜ୍ଞାନ

୫. ପରମେଶ୍ୱର ଆପଣା ପ୍ରତିଜ୍ଞା ସଫଳ କରନ୍ତି।

a.________ ହିଁ      b.________ ନାହିଁ

Please purchase 'e-PDF Converter and Creator' on http://www.e-pdfconverter.com to remove this message.

# ଭାର ରୂପ ପାପ

## ଆଦି ପୁସ୍ତକ -୧୮-୧୯

## ପାଠ-୫

ଲୋଟ ଏବଂ ଅବ୍ରହାମର ପଶୁପାଳକ ମଧ୍ୟରେ ବିବାଦ ହେବାରୁ ଆପଣାକୁ ଇଛାହେବା ଭୂମିକୁ ନିର୍ଣ୍ଣୟ କର ବୋଲି, ତାଙ୍କରି ଭ୍ରାତାର ପୁତ୍ର ଲୋଟକୁ ଅବ୍ରହାମ କହିଲେ। ଲୋଟ ସୋଦମ ନଗର ନିକଟସ୍ଥ ପ୍ରାନ୍ତରକୁ ବାଛିବାରୁ ଅବଶିଷ୍ଟ ଭୂମିକୁ ଅବ୍ରହାମ ଗଲେ ସୋଦମ ନଗରର ପ୍ରଜାମାନଙ୍କ ସମ୍ବନ୍ଧରେ ପରମେଶ୍ୱର ଏହିପରି କହିଲେ। " ସଦାପ୍ରଭୂ ଆହୁରି କହିଲେ, ସଦୋମ ଓ ହମୋରାର ବିରୁଦ୍ଧରେ ମହାଧ୍ୱନି ଉଠୁଅଛି। ସେମାନଙ୍କ ପାପ ଅତିଶୟ ଗୁରୁତର" ( ଆଦି-୧୮:୨୦)। ସେହି ନଗର ସମସ୍ତ ଭ୍ରଷ୍ଟ ହୋଇଥିବାରୁ ପରମେଶ୍ୱର ସୋଦମ ଓ ହମୋରାରକୁ ବିନଷ୍ଟ କରିବା ପାଇଁ ସ୍ୱର୍ଗଦୂତ ମାନଙ୍କୁ ପ୍ରେରଣ କରିବା ପୂର୍ବେ, ଯଦି ସେହିଠାରେ ଧାର୍ମିକଗଣ ବାସ କରନ୍ତି। ସୋଦମ ରକ୍ଷା କରିବା ପାଇଁ ଅବ୍ରହାମ ପରମେଶ୍ୱର ସହିତ ବାଦବିବାଦ କଲାବେଳେ, ଅବ୍ରହାମଙ୍କ ସହିତ ପରମେଶ୍ୱରଙ୍କ ଯୋଜନା ପୂର୍ବରୁ ଜଣାଇଲେ। କିନ୍ତୁ ସେଠାରେ କେବଳ ଅଳ୍ପ ମାତ୍ର ଧାର୍ମିକ ଲୋକବାସ କରୁଛନ୍ତି। ଏଣୁ ସେହି ସ୍ୱର୍ଗ ଦୂତଗଣ ମନୁଷ୍ୟ ରୂପରେ ସନ୍ଧ୍ୟା ସମୟରେ ସୋଦମ ନଗରର ଦ୍ୱାରରେ ପ୍ରବେଶ କଲେ। ଲୋଟ ଅତିଶୟ ବଳାଇବାରୁ ସେମାନେ ତାହା ସହିତ ଯାଇ , ତାହାର ଘରେ ପ୍ରବେଶ କଲେ। ଲୋଟ ସେହି ସ୍ୱର୍ଗ ଦୂତମାନଙ୍କୁ ଆପଣା ନଥିବା ବିଦେଶରେ ଆତିଥ୍ୟ ଓ ପରିଚର୍ଯ୍ୟା କଲେ। ସେହି ନଗରରର ଦୃଷ୍ଟମାନଙ୍କ ସହ ସେ ମିଳିତ ନ ଥିଲେ। ଏଣୁ ତାଙ୍କରି ପରିବାରକୁ ସେହି ଶିକ୍ଷାରୁ ମୁକ୍ତ କଲେ।

ସୋଦମ ନଗରର ଭ୍ରଷ୍ଟତା ନିମ୍ନରେ ଦେଖିପରିବା ନଗରର ଲୋକମାନେ ଅର୍ଥାତ୍ ସଦୋମର ଯୁବା ବୃଦ୍ଧାଦି ସମସ୍ତ ଲୋକ ଚାରିଆଡୁ ଆସି ତାହାର ଘର ଘେରିଲେ ପୁଣି ଲୋଟକୁ ଡ଼ାକି କହିଲେ ଆଜି ରାତ୍ରିରେ ଯେଉଁ ମନୁଷ୍ୟମାନେ ତୁମ୍ଭ ଘରକୁ ଆସିଲେ, ସେମାନେ କାହାନ୍ତି? ସେମାନଙ୍କୁ ବାହାର କରି ଆମ୍ଭ ପାଖକୁ ଆଣ। ଆମ୍ଭେମାନେ ସେମାନଙ୍କଠାରେ ଉପଗତ ହେବା। ତହିଁରେ ଲୋଟ ବାହାରକୁ ଆସି ଦ୍ୱାର ବନ୍ଦ କରି କହିଲା। ହେ ଭାଇମାନେ ମୁଁ ବିନୟ କରୁଅଛି। ଏପରି କୁ୍ୟ ବ୍ୟବହାର କରନାହିଁ। ଦେଖ ପୁରୁଷ ଅସ୍ୱଷ୍ଟା ମୋହର ଦୁଇଟି କନ୍ୟା ଅଛନ୍ତି। ସେମାନଙ୍କୁ ତୁମ୍ଭମାନଙ୍କ ନିକଟକୁ ଆଣୁଅଛି। ତୁମ୍ଭମାନଙ୍କ ଦୃଷ୍ଟିରେ ଯାହା ଭଲ, ତାହା ସେମାନଙ୍କ ପ୍ରତିକର। ମାତ୍ର ସେହି ମନୁଷ୍ୟ ମାନଙ୍କ ପ୍ରତି କିଛି କରନାହିଁ। କାରଣ ଏଥି ନିମନ୍ତେ ସେମାନେ ମୋଛାତ ତଳେ ଆଶ୍ରୟ ନେଇ ଅଛନ୍ତି। ସେତେବେଳେ କହିଲେ, ଘୁଞ୍ଚିଯା ପୁଣି କହିଲେ, ଏ ଲୋକଟା

Please purchase 'e-PDF Converter and Creator' on http://www.e-pdfconverter.com to remove this message.

ଆମ୍ଭମାନଙ୍କ ମଧ୍ୟରେ ବାସ କରିବାକୁ ଆସି ଆମ୍ଭମାନଙ୍କର ବିଚାର କର୍ତ୍ତା ହେବାକୁ ଚାହେଁ। ଏବେ ସେମାନଙ୍କଠାରୁ ତୋ ପ୍ରତି ଆହୁରି କୁ ବ୍ୟବହାର କରିବା; ତହିଁ ସେମାନେ ସେହି ମନୁଷ୍ୟ, ଅର୍ଥାତ ଲୋଟ ପ୍ରତି ବଳ ପ୍ରୟୋଗ କରି କବାଟ ଭାଙ୍ଗିବାକୁ ଗଲେ। ମାତ୍ର ଦୁଇ ଜଣ ହସ୍ତ ବଢ଼ାଇ ଲୋଟକୁ ଗୃହ ମଧ୍ୟରେ ଆପଣାମାନଙ୍କ ନିକଟକୁ ଟାଣିନେଇ ଦ୍ୱାର ବନ୍ଦ କଲେ"।
ଆଦି- ୧୯:୪-୧୦।

ସେହି ସ୍ୱର୍ଗଦୂତମାନେ ସେମାନେ ଆସିଥିବା ଉଦ୍ଧେଶ୍ୟ ଲୋଟଙ୍କୁ ଜଣାଇଲେ।" ଏଣୁ ପ୍ରଭାତ ହୁଅନ୍ତେ, ଦୂତମାନେ ଲୋଟଙ୍କୁ ଚଞ୍ଚଳ କରାଇ କହିଲେ। ଉଠ ଆପଣାର ଭାର୍ଯ୍ୟା ଓ ଏହି ଯେଉଁ ଦୁଇ କନ୍ୟା, ଏଠାରେ ଅଛନ୍ତି। ସେମାନଙ୍କୁ ଘେନିଯାଅ ନହିଲେ ନଗରର ଦଣ୍ଡରେ ବିନଷ୍ଟ ହେବ।

ସେହି ଦୂତଗଣ, ସେମାନେ ଆସିଥିବା ଉଦ୍ଧେଶ୍ୟ ଲୋଟଙ୍କୁ ଜଣାଇଲେ। ଏଣୁ "ଅନନ୍ତର ଦେଶରେ ସୂର୍ଯ୍ୟୋଦୟ ହୁଅନ୍ତେ, ଲୋଟ ସୋୟରରେ ପ୍ରବେଶ କଲା। ତେବେ ସଦାପ୍ରଭୂ ଆକାଶରୁ ସଦାପ୍ରଭୂଙ୍କ ନିକଟରୁ ସଦୋମ ହମୋରା ଉପରେ ଗନ୍ଧକ ଅଗ୍ନି ବୃଷ୍ଟି କରି ସେହି ସମୁଦାୟ ନଗର ଓ ପ୍ରାନ୍ତର ତନ୍ମଧ୍ୟସ୍ଥିତ ଲୋକ ଓ ସେହି ଭୂମିରେ ଜାତ ସକଳ ପଦାର୍ଥ ଉତ୍ପାଟନ କଲେ। ଆଦି- ୧୯:୧୫, ୨୩-୨୫।

ପ୍ରାରମ୍ଭରେ ପରମେଶ୍ୱର ଆଦମ, ହବାଙ୍କୁ ସେମାନଙ୍କ ଅନାଜ୍ଞାବହ ହେତୁ ଏଦନ ଉଦ୍ୟାନରୁ ବିତାଡ଼ିତ କଲେ। ପୁଣି ନୋହ ଓ ତାଙ୍କ ପରିବାର ଏବଂ ସଂଗୃହିତ ହୋଇଥିବା ଜୀବଜନ୍ତୁ ବ୍ୟତୀତ ସମସ୍ତ ଲୋକମାନଙ୍କୁ, ସେମାନଙ୍କର ଦୁଷ୍ଟତା ଓ ଭ୍ରଷ୍ଟ ମନ ସକାଶୁ ଜଳ ଦ୍ୱାରା ସେମାନଙ୍କୁ ବିନାଶ କଲେ। ଆଉ ଏବେ ସଦୋମର ଭୟଙ୍କର ପାପ ହେତୁ, ସେମାନଙ୍କୁ ଅଗ୍ନି ଦ୍ୱାରା ବିନଷ୍ଟ କଲେ। ଆଜ୍ଞାଲଙ୍ଘନକାରୀ ଓ ଦୁଷ୍ଟ ହୃଦୟ ଥିବା ସମସ୍ତେ ପରମେଶ୍ୱରଙ୍କ ଦ୍ୱାରା ସଂହାରିତ ହେବେ, ଏବଂ ସେ ପ୍ରକାର କରୁଥିବା ପ୍ରତ୍ୟେକଙ୍କୁ, ସେମାନଙ୍କ ଅନାଜ୍ଞାବହ ଓ ଦୁଷ୍ଟତାରୁ ପଛକୁ ନ ଫେରିଲେ ସେମାନଙ୍କୁ ମଧ୍ୟ ବିନଷ୍ଟ କରିବେ ବୋଲି ପ୍ରମାଣିତ ହେଲା। ପାପରେ ଥିବା ଲୋକ ବିନଷ୍ଟ ହେବ ବୋଲି ଯୀଶୁ କହିଲେ। ଏଥି ସକାଶୁ ଗୁରୁତର ପାପଠାରୁ ଆମ୍ଭେ ବିମୁକ୍ତି ପାଇବାର ଅଛି।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

## ପ୍ରଶ୍ନ

୧. କେଉଁ ପ୍ରକାର ଅତିଶୟ ଗରୁତର ମହାପାପ ଦେଖାଯିବାରୁ ପରମେଶ୍ୱର ସଦୋମା ବିନଷ୍ଟ କରିବି ବୋଲି ନିର୍ଣ୍ଣୟ କଲେ ।

a.________ଅତିଶୟ ଗୁରୁତର ପାପ ।

b.________ ଭୂତମାନଙ୍କୁ ଆରାଧନା କରିବା ।

c.________ ସ୍ୱଲିଙ୍ଗ ସଂପର୍କ ।

୨. ଯର୍ଦ୍ଦନର ପୂର୍ବଦିଗରେ ପ୍ରାନ୍ତରକୁ ଲୋଟ ମନୋନିତ କରିବାର କାରଣ କ'ଣ?

a.________ ସଦୋମ ହମୋରାର ପ୍ରାନ୍ତର ନଗର ଥିବା ସକାଶୁ ।

b.________ କଳହ ଘଟୁ ଥିବାରୁ ସେ ଅବ୍ରହାମଙ୍କ ଠାରୁ ଦୂରରେ ରହିବା ପାଇଁ ନିର୍ଣ୍ଣୟ କଲେ ।

c.________ ସେହି ପ୍ରାନ୍ତର ସବୁ ଅତିଭଲ ଦେଖାଯିବାରୁ ।

d.________ ବାଇବଲ୍ ଗ୍ରନ୍ଥରେ ଲେଖାଯାଇନାହିଁ ।

୩. ପରମେଶ୍ୱର ଅନଜ୍ଞାବହ ହେତୁ ଘଟିଥିବା ପାପ ।

a.________ ଏଦନ ଉଦ୍ୟାନରେ ।

b.________ ନହୋଙ୍କ କାଳରେ ପ୍ରଜାମାନେ ।

c.________ ସଦୋମ ଓ ହମୋରା ନଗର

d.________ ଉପର ଲିଖିତ ସମସ୍ତ ।

୪. ଲୋଟଙ୍କୁ ଦର୍ଶନ କରିଥିବା ସ୍ୱର୍ଗଦୂତ ( ମନୁଷ୍ୟ ମାନଙ୍କୁ ) ନଷ୍ଟ କରିବା ପାଇଁ ଇଚ୍ଛା କରିଥିବା ସଦୋମ ହମୋରାର ପୁରୁଷମାନେ ହିଁ କେବଳ ବିନଷ୍ଟ ହେଲେ ।

a.________ ହିଁ b.________ ନାହିଁ

୫. ସଦୋମ ଓ ହମୋରା ନଗରରେ ବାସ କରୁଥିବା ଧାର୍ମିକମାନଙ୍କୁ ରକ୍ଷା କରିବା ପାଇଁ ଅବ୍ରହମ ପରମେଶ୍ୱରଙ୍କ ସହିତ ବାଦ ବିବାଦ କଲେ ।

a.________ ହିଁ b.________ ନାହିଁ

Please purchase 'e-PDF Converter and Creator' on http://www.e-pdfconverter.com to remove this message.

# ଦାସତ୍ୱ
# ଯାତ୍ରା ପୁସ୍ତକ ୧-୧୨
# ପାଠ-୬

ଅବ୍ରହମ କଲଦୀୟ୍ ନଗରର ଉରରେ ବାସ କରୁଥିବା ସମୟ୍ରେ, ପରମେଶ୍ୱର ଦେଖାଇବା ଦୂର୍ ଦେଶକୁ ଯିବା ପାଇଁ ତାହାଙ୍କୁ ଡ଼ାକିଲେ। ସେହି ସମୟ୍ରେ ତାହାଙ୍କୁ ରହିବା ପାଇଁ ଗୃହ ମଧ୍ୟ ନଥିଲା, କିନ୍ତୁ ତାହାଙ୍କ ସନ୍ତାନ ଗୋଟିଏ ଦିନରେ ଉତ୍ତରାଧିକାରୀର ଗୃହ ପ୍ରାପ୍ତି ହେଉଛି ଚରିତ୍ରରେ କେତେକାଳ ପରେ ଅବ୍ରହମଙ୍କ ସନ୍ତାନ ମିସରରେ ଦାସତ୍ୱ ହେଲେ। ପରମେଶ୍ୱର ମୋଶାଙ୍କ ଦ୍ୱାରା ସେମାନଙ୍କୁ ଦାସତ୍ୱରୁ ଉଦ୍ଧାର କରି ପ୍ରତିଜ୍ଞାର ଉତ୍ତରାଧିକାର ଦେଶକୁ ଅର୍ଥାତ ଅବ୍ରହମ ଅପେକ୍ଷା କରିଥିବା ଦେଶକୁ ପରିଚାଳିତ ହେଲେ। ପାପରୂପ ଦାସତ୍ୱରେ ଏହି ଭୂମିରେ ବାସ କରୁଥିବା ଆମ ଜୀବନ ସାଦୃଶ୍ୟ ଅଟେ। ପରମେଶ୍ୱର ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ପାପରୂପ ଦାସତ୍ୱରୁ ଉଦ୍ଧାର କରି ସ୍ୱର୍ଗୀୟ୍ ଗୃହକୁ ପରିଚାଳିତ କରୁଛନ୍ତି।

ଯାକୁବଙ୍କ ପୁତ୍ରଗଣ ସେମାନଙ୍କ କନିଷ୍ଠ ଭାଇ ଯୋଷେଫ ପ୍ରତି କୁ ଅଭିଳାଷରେ କରିଥିବା କାର୍ଯ୍ୟ, ଅର୍ଥାତ୍ ସେମାନେ ତାହାଙ୍କୁ ଅବ୍ରହମର ଅନ୍ୟ ଏକ ସନ୍ତାନର ପ୍ରଜା ହୋଇଥିବା ଇଶ୍ମାଏଲୀୟ୍ଙ୍କୁ ବିକ୍ରି ହେବା ପରେ, ସେହି ଦୂର୍ ଦେଶ ମିସରକୁ ସେମାନେ ଯାତ୍ରା କଲେ। ଜଣେ ସାଧାରଣ ଦାସତ୍ୱ ରୂପେ ସେମାନେ ତାହାଙ୍କୁ ବିକ୍ରି କଲେ। ଏକ ହିଂସ୍ରକ ପଶୁ ଯୋଷେଫଙ୍କୁ ବିଦୀର୍ଣ୍ଣ କଲା ବୋଲି ଏମାନେ ସେମାନଙ୍କ ପିତା ଯାକୁବଙ୍କୁ ମିଛ କହି ପ୍ରବଞ୍ଚନା କଲେ। ମନେ ରଖନ୍ତୁ ପିତାଙ୍କ ଠାରୁ ଆର୍ଶିବାଦ ପ୍ରାପ୍ତ ହେବା ପାଇଁ ଯାକୁବ ମଧ୍ୟ ତାହାଙ୍କ ପିତାଙ୍କୁ ପ୍ରବଞ୍ଚନା କରିଥିଲେ। ମିସରରେ ଯୋଷେଫ ବିଶ୍ୱାସରେ ସ୍ଥିର ହୋଇଥିଲେ। ପୁଣି ଅବ୍ରହମଙ୍କ ସନ୍ତାନଠାରୁ ଏକ ମହାଜନତା ଉତ୍ପନ୍ନ କରିବା ପାଇଁ ପରମେଶ୍ୱର ଯୋଷେଫଙ୍କୁ ବ୍ୟବହାର କଲେ। ଏହି ପ୍ରକାର ଯୋଷେଫଙ୍କ ଦ୍ୱାରା ମିସରରେ ପ୍ରବେଶ କରିଥିବା ଇଶ୍ରାୟେଲମାନେ ସତ୍ୟ ପରମେଶ୍ୱରଙ୍କ ବଦଳେ ସୃଷ୍ଟିକୁ ଆରାଧନା କରିବା ଲୋକମାନଙ୍କ ମଧ୍ୟରେ ଅନେକ ବର୍ଷ ଦାସତ୍ୱ ହୋଇଥିଲେ।

ଏହି ପ୍ରକାର ୪୦୦ ବର୍ଷ ଦାସତ୍ୱ ପରେ ମୋଶା ଜନ୍ମ ହେଲେ, ପୁରୁଷ ସନ୍ତାନକୁ ମାରି ଦେବାପାଇଁ ଫାରୋଙ୍କର ଆଜ୍ଞାକୁ ଭୟ୍ କରି ମୋଶାଙ୍କ ପିତାମାତା ତାଙ୍କ ସନ୍ତାନଙ୍କୁ ଫାରୋଙ୍କ ଠାରୁ ଲୁଚାଇଥିଲେ। ଫାରୋଙ୍କର ଆଜ୍ଞାକୁ ଆଜ୍ଞାବହ ହେବା ଅପେକ୍ଷା ଯତାର୍ଥ ରୂପେ ପରମେଶ୍ୱରଙ୍କ ଆଜ୍ଞାକୁ ଆଜ୍ଞାବହ ହେବାପାଇଁ ଇଚ୍ଛା କରି ଫାରୋଙ୍କ ଆଜ୍ଞାକୁ ସେମାନେ ଅମାନ୍ୟ କଲେ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

'ବିଶ୍ୱାସ ଦ୍ୱାରା ମୋଶାଙ୍କ ପିତାମାତା ତାଙ୍କ ଜନ୍ମ ହେବା ସମୟରେ ତାଙ୍କୁ ଗୋଟିଏ ସୁନ୍ଦର ପିଲା ବୋଲି ଦେଖି ରାଜା ଆଜ୍ଞାକୁ ଭୟ ନ କରି ତିନି ମାସ ପର୍ଯ୍ୟନ୍ତ ତାଙ୍କୁ ଗୋପନରେ ରଖିଲେ'' ଏବ୍ରି ୧୧:୨୩।

ମୋଶାଙ୍କ ମାତା ସେହି ବାଳକକୁ ନଳ ନିର୍ମିତ ପେଡ଼ି ଘେନି ନଦୀ ଭିତରେ ରଖିଲେ। ଫାରୋଙ୍କର କନ୍ୟା ସ୍ନାନ କରିବାକୁ ଆସି ସେହି ପେଡ଼ି ଫିଟାଇ ସେହି ବାଳକକୁ ଦେଖି ତାହାପ୍ରତି ଦୟା ଦେଖାଇଲା। ''ତେବେ ଫାରୋଙ୍କର କନ୍ୟା ତାହାକୁ କହିଲା, ତୁମ୍ଭେ ଏ ବାଳକକୁ ନେଇ ମୋ ନିମନ୍ତେ ସ୍ତନ୍ୟପାନ କରାଅ, ମୁଁ  ତୁମ୍ଭକୁ ବର୍ତ୍ତନ ଦେବି; ତହିଁରେ ସେ ସ୍ତ୍ରୀ ବାଳକକୁ ନେଇ ସ୍ତନ୍ୟପାନ କରାଇଲା। ଅନନ୍ତର ବାଳକ ବଡ଼ନ୍ତେ, ସେ ତାକୁ ନେଇ ଫାରୋଙ୍କର କନ୍ୟାକୁ ଦେଲା। ତହିଁରେ ବାଳକ ତାହାର ପୁତ୍ର ହେଲା। ତେଣୁ ସେ ତାହାର ନାମ ମୋଶା (ଆକର୍ଷିତ) ଦେଲା।କାରଣ ସେ କହିଲା, ମୁଁ  ଜଳରୁ ଏହାକୁ ଆର୍କଷଣ କଲି'' ଯାତ୍ରା ପୁସ୍ତକ-୨:୯-୧୦, ସେହି ପ୍ରକାର ସେ ବାଳକ ରାଜାଙ୍କ କନ୍ୟାର ପୁତ୍ର ରୂପେ ରାଜା ନଗରରେ ବଢ଼ି  ବୃଦ୍ଧି ହେଲେ। ଏବ୍ରି ୧୧:୨୪-୨୭ ରେ ଏହି ପ୍ରକାର ପଢ଼ିପାରୁ '' ବିଶ୍ୱାସ ଦ୍ୱାରା ମୋଶା ବୟସ ପ୍ରାପ୍ତ ହେଲା ଉତ୍ତାରେ ଫାରୋଙ୍କର କନ୍ୟାଙ୍କ ପୁତ୍ର ବୋଲି ଖ୍ୟାତି ହେବାକୁ ନାସ୍ତି କଲେ। ପାପର କ୍ଷଣିକ ସୁଖ ଭୋଗ ଅପେକ୍ଷା ଈଶ୍ୱରଙ୍କ ଲୋକମାନଙ୍କ ସହିତ ବରଂ ଦୁଃଖ ଭୋଗ କରିବାକୁ ସେ ପସନ୍ଦ କଲେ। ପୁଣି ମିସରର ସମସ୍ତ ଧନ ଅପେକ୍ଷା ଖ୍ରୀଷ୍ଟଙ୍କ ନିନ୍ଦାର ସହଭାଗୀ ହେବା ଶ୍ରେଷ୍ଠତର ଧନ ବୋଲି ମନେ କଲେ। କାରଣ ସେ ପୁରସ୍କାର ଦାନର ସମୟ ପ୍ରତି ଦୃଷ୍ଟିପାତ କଲେ। ବିଶ୍ୱାସ ଦ୍ୱାରା ସେ ରାଜାଙ୍କ କ୍ରୋଧକୁ ଭୟ ନକରି ମିସର ପରିତ୍ୟାଗ କଲେ। ଯେଣୁ ଯେ ଅଦୃଶ୍ୟ, ତାହାଙ୍କୁ ଦର୍ଶନ କଲା ପରି ସୁସ୍ଥିର ରହିଲେ''। ପରମେଶ୍ୱର ମିସରରେ ୪୦ ବର୍ଷ ସମସ୍ତ ବିଦ୍ୟାରେ ମୋଶାକୁ ନିପୁଣ କଲାପରେ ୪୦ ବର୍ଷ ସେବକ ଭାବେ ଶିକ୍ଷା ଦେଇ, ଅବ୍ରହମ, ଇସ୍‌ହାକ ଏବଂ ଯାକୁବଙ୍କୁ ପ୍ରତିଜ୍ଞା କରିଥିବା ପ୍ରତିଜ୍ଞାତ ଦେଶକୁ ପରିଚାଳିତ କରି ଇଶ୍ରାୟେଲୀୟ ମାନଙ୍କୁ ଦାସତ୍ୱରୁ ଉଦ୍ଧାର କରିବା ପାଇଁ ମୋଶକୁ ମନୋନିତ କଲେ।

ଏହି ଦାସତ୍ୱ ହେତୁ ସେମାନଙ୍କଠାରେ ବିଶ୍ୱାସ ଏବଂ ଆଜ୍ଞାବହର ଲୋପ ସକାଶୁ ସେମାନଙ୍କ ପ୍ରତିଜ୍ଞାତି ଦେଶକୁ ପହଞ୍ଚିବା ପାଇଁ ୪୦ ବର୍ଷ ସମୟ ଲାଗିଥିଲା। ପରମେଶ୍ୱରଙ୍କ ଅନୁଗ୍ରହ ହେତୁ, ସେମାନଙ୍କୁ ସେହି ପ୍ରତିଜ୍ଞାତ ଦେଶ ପ୍ରାପ୍ତ ହେଲେ ମଧ୍ୟ ତାହା ସ୍ୱାଧୀନ କରିବା ପାଇଁ ସେମାନେ ଶତ୍ରୁମାନଙ୍କୁ ଯୁଦ୍ଧ କରିବାକୁ ପଡ଼ିଥିଲା।

ବର୍ତ୍ତମାନ ମାନବ ପାପରେ ବନ୍ଧି ହୋଇ ରହିଛି । ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଆମ୍ଭେ ପାପରୁ ଉଦ୍ଧାର ପ୍ରାପ୍ତ ହେଉଛୁ। ଆମ୍ଭେ ବିଶ୍ୱାସ ଓ ଆଜ୍ଞାବହ ହୋଇ ସ୍ଥିର ଭାବେ ପରିଚାଳିତ ହେଲେ ଆମେ ପ୍ରତିଜ୍ଞା କରିଥିବା ଦେଶ ଅର୍ଥାତ୍ ସ୍ୱର୍ଗ ପହଞ୍ଚି ପାରିବା। ଏଣୁ ଆମ୍ଭେ ସଦାସର୍ବଦା ଏହି ଜାଗତିକ ଜୀବନରେ ଶତ୍ରୁମାନଙ୍କ ସହ ଯୁଦ୍ଧ କରୁଅଛୁ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

## **ପ୍ରଶ୍ନ**

୧. ମୋଶା ଏକ ଦାସତ୍ୱ ଭାବେ ଜନ୍ମ ଗ୍ରହଣ କଲେ କିନ୍ତୁ ମିସରର ରାଜା ମୋଶାଙ୍କୁ କନ୍ୟାପୁତ୍ର ରୂପେ ବଢ଼େଇଲେ ।

a) ହଁ ________ b) ନାହିଁ ________

୨. ମୋଶା ଫାରୋଙ୍କ କନ୍ୟାପୁତ୍ର ରୂପେ ରହିବା ପାଇଁ କାହିଁକି ଇଛା କଲେ ନାହିଁ ।

a. ________ମୋଶା ଅପେକ୍ଷା ଅନ୍ୟ ପିଲାମାନଙ୍କୁ ଫାରୋ ଭଲଭାବେ ଦେଖୁଥିଲେ ।

b. ________ମୋଶାଙ୍କୁ ଜନ୍ମ କରିଥିବା ପରିବାରକୁ ଫାରୋ ଭଲଭାବେ ଦେଖୁନଥିଲେ ।

c. ________ପରମେଶ୍ୱରଙ୍କଠାରେ ବିଶ୍ୱାସ ହେତୁ ।

୩. ପରମେଶ୍ୱର ମିସର ଦାସତ୍ୱ ମାନଙ୍କୁ କାନାନ୍ ଦେଇଥିଲେ ମଧ୍ୟ ସେହି ପ୍ରତଜ୍ଞାତ ଦେଶ ନିମନ୍ତେ ସେମାନେ କିଛି କରି ନଥିଲେ ।

a)ହଁ ________ b) ନାହିଁ ________

୪. ବର୍ତ୍ତମାନ ପାପରେ ରହିଥିବା ମନୁଷ୍ୟ ପ୍ରତଜ୍ଞା କରାଯାଇଥିବା ଆତ୍ମା ସମ୍ବନ୍ଧୀୟ ଦେଶ, ଅର୍ଥାତ୍ ସ୍ୱର୍ଗ ପାଇଁ କ'ଣ ଆବଶ୍ୟକ ।

a. ________ପରମେଶ୍ୱରଙ୍କଠାରେ ପରିତ୍ରାଣ ପ୍ରାପ୍ତ ହେବା ।

b. ________ଉତ୍ତମ କାର୍ଯ୍ୟ କରିବ ।

c. ________ a ଏବଂ b ।

୫. ମିସରର ଦାସତ୍ୱଠାରୁ ଇଶ୍ରାୟେଲୀୟ ମାନଙ୍କୁ ବାହାର କରିବା ପାଇଁ ପରମେଶ୍ୱର ମୋଶାଙ୍କୁ ମନୋନିତ କରିବା ପୂର୍ବେ ତାହାଙ୍କୁ ମିସରରେ ୪୦ ବର୍ଷ ଶିକ୍ଷାଦେଇ ପୁଣି ୪୦ ବର୍ଷ ସେବକଭାବେ ତାଲିମ୍ ଦେଇ ନିର୍ଣ୍ଣୟ କଲେ ।

ହଁ ________ ନାହିଁ ________

Please purchase 'e-PDF Converter and Creator' on http://www.e-pdfconverter.com to remove this message.

# ଉଦ୍ଧାର ( ମୁକ୍ତି )

## ଯାତ୍ରା ପୁସ୍ତକ ୧୩-୧୪

## ପାଠ-୭

ଯତାର୍ଥ ସମୟରେ ମୋଶାଙ୍କର ମାତା ଫାରୋଙ୍କ କନ୍ୟା ନିକଟକୁ ମୋଶାଙ୍କୁ ଘେନିଗଲା (ପ୍ରେରିତ ୭:୨୨-୨୬) ମୋଶା ବୟସପ୍ରାପ୍ତ ହେଲାପରେ ସେ ଜଣେ ମିସରୀୟ ରୋକଙ୍କୁ କରିଥିବା କାର୍ଯ୍ୟ ସକାଶୁ ଭୟରେ ଫାରୋଙ୍କ ଠାରୁ ବାହାରେ ମିଦିୟାନକୁ ଚାଲିଗଲେ। ଚାଳିଷି ବର୍ଷ ସେ ସେଠାରେ ମେଷ ପାଳକ ଭାବେ ନିଜକୁ ନତ କରି ଜୀବନ ବିତାଇଲେ। ତାପରେ ଅବ୍ରହମ୍, ଇସହାକ ଏବଂ ଯାକୁବ ସନ୍ତାନମାନଙ୍କୁ ଅର୍ଥାତ୍ ଇଶ୍ରାୟେଲୀୟମାନଙ୍କୁ ମିସରର ଦାସତ୍ୱ ଠାରୁ ଉଦ୍ଧାର କରିବା ପାଇଁ ପରମେଶ୍ୱର ତାହାଙ୍କୁ ପ୍ରସ୍ତୁତ କଲେ। ସେହି ଦାସତ୍ୱ ବର୍ତ୍ତମାନ ଆମରି ପାପ ରୂପ ଦାସତ୍ୱତକୁ ସୂଚ଼ନା ଦେଉଛି। ମିସରୀୟ ମାନଙ୍କୁ ବିନଷ୍ଟ କବିବା ପୂର୍ବରୁ ପରମେଶ୍ୱରଙ୍କ ବାକ୍ୟକୁ ଆଜ୍ଞାବହ ହେବା ପାଇଁ ପରମେଶ୍ୱର ଦଶଟି ଅବକାଶ ଫାରୋଙ୍କୁ ଏବଂ ମିସରୀୟ ଲୋକଙ୍କୁ ଦେଲେ। ପରମେଶ୍ୱରଙ୍କ ଶକ୍ତିଙ୍କୁ ଫାରୋ ଚ଼ିହ୍ନି ମଧ୍ୟ ପ୍ରତି ଅବକାଶକୁ ଫାରୋ ସହଜ ଭାବିବା ସକାଶୁ ଗ୍ରହଣ କଲା ନାହିଁ, ତାହାଙ୍କ ପ୍ରଥମ ସନ୍ତାନ ମୃତ୍ୟୁପରେ ଇଶ୍ରାୟେଲୀୟମାନେ ମିସର ଠାରୁ ବାହାର ଯିବା ପାଇଁ ସମ୍ମତ ହେଲେ। କିନ୍ତୁ ଶ୍ରୀଘ୍ର ମନବଦଳାଇ ସେମାନଙ୍କୁ ପୁନର୍ବାର ଦାସତ୍ୱ ଭାବେ ରଖିବା ପାଇଁ ସେମାନଙ୍କ ପଛେ ଦୌଡିଲେ।

ଇଶ୍ରାୟେଲୀୟ ମାନେ ମିସରରୁ ବାହାରି ସୁଫସାଗରରେ ପହଞ୍ଚିଲେ। ପରମେଶ୍ୱରଙ୍କ ଆଜ୍ଞାବହ ହେବା କିମ୍ବା ପୁନର୍ବାର ଦାସତ୍ୱଭାବେ ରହିବା ଏହା ସଠିକ୍ ଭାବେ ନିର୍ଣ୍ଣୟ କରିବାର ଅବକାଶ ପାଇଲେ ଫାରୋ ଏବଂ ତାଙ୍କରି ସୈନ୍ୟ ସମସ୍ତ ସମୁଦ୍ର ଜଳରେ ସମାଧି ହେବା ସମୟରେ ସେମାନଙ୍କ ଦାସତ୍ୱରୁ ଉଦ୍ଧାର ପାଇ ଏକ ନୂତନ ପ୍ରଜା ହୋଇ ସମୁଦ୍ର ପାର ହେଲେ। ଏହା ପାପଠାରୁ ଆମରି ମୁକ୍ତି ପାଇଁ ସୂଚ଼ନା ଦିଏ। କୃଶ ନିକଟରେ ଆମେ ନିର୍ଣ୍ଣୟ ନେଲାପରି। ପୁଣି ନୂତନ ସୃଷ୍ଟି ଭାବେ ବଦଳିବା ପାଇଁ ଆମରି ପାପ ଜଳ ବାପ୍ତିସ୍ମ ଦ୍ୱାରା ସମାଧି କରିବାକୁ ପଡ଼ିବ। ପାଉଲ ରୋମୀ - ୬:୩-୬ ପଦରେ ଏହିପରି କହିଲେ "ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କଠାରେ ବାପ୍ତିଜିତ ହୋଇଅଛୁ। ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ। ଏହା କି ତୁମ୍ଭେମାନେ ଜାଣ ନାହିଁ। ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧି ପ୍ରାପ୍ତ ହୋଇଅଛୁ ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁପ୍ରକାରେ ଉତ୍ଥାପିତ ହେଲେ ଆମ୍ଭେମାନେ ମଧ୍ୟ ସେହିପ୍ରକାର ଜୀବନର ନୂତନ ଭାବରେ ଆଚ଼ରଣ କରୁ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

କାରଣ ଯଦି ଆମ୍ଭେମାନେ ତାହାଙ୍କ ମୃତ୍ୟୁର ସାଦୃଶ୍ୟରେ ମୃତ୍ୟୁ ଭୋଗ କରି ତାହାଙ୍କ ସହିତ ଏକୀଭୂତ ହୋଇଅଛୁ । ତାହାହେଲେ ନିଶ୍ଚୟ ତାହାଙ୍କ ପୁନରୁତ୍‌ଥାନର ସାଦୃଶ୍ୟରେ ମଧ୍ୟ ଉତ୍‌ଥିତ ହୋଇ ତାହାଙ୍କ ସହିତ ଏକୀଭୂତ ହେବା । ଯେପରି ଆମ୍ଭେମାନେ ଆଉ ପାପର ଦାସତ୍ୱରେ ନ ରହୁ । ଏଥି ପାଇଁ ପାପର ଶରୀର ବିନଷ୍ଟ ହେବା ନିମନ୍ତେ ଆମ୍ଭମାନଙ୍କର ପୁରାତନ ସ୍ୱଭାବ ଯେ ତାହାଙ୍କ ସହିତ କ୍ରୁଶରେ ହତ ହୋଇଅଛି ।

ସେହି ସମସୟରେ ଇଶ୍ରାୟେଲୀମାନେ ଦାସତ୍ୱ ବନ୍ଧିରୁ ବିମୁକ୍ତି ପାଇଁ ସୁଫସାଗରରେ କାର୍ଯ୍ୟ ଘଟି ଥିଲା । ତାହାର ସଦୃଶ୍ୟ ବର୍ତ୍ତମାନ ପ୍ରତ୍ୟେକ ମାନବ ପାଇଁ ଆପଣା ପାପଠାରୁ ଉଦ୍ଧାର ପାଇଁ କ୍ରୁଶ ଉପରେ ମଧ୍ୟ କାର୍ଯ୍ୟ ଘଟିଲା । ବର୍ତ୍ତମାନ ଖ୍ରୀଷ୍ଟଙ୍କ ପରେ ପରିତ୍ରାଣ ପ୍ରାପ୍ତ ତାହାଙ୍କ ସହିତ ଏକୀଭୂତ ହୋଇଛନ୍ତି ।

ସେମାନଙ୍କ ବିଶ୍ୱାସରେ ଦୁର୍ବଳତା ସକାଶୁ ଶୀଘ୍ର କାନାନ୍ ପହଞ୍ଚି ପାରିଲେ ନାହିଁ । ସେମାନେ ଯୋହଶୂଆ ଏବଂ କାଲେବଙ୍କ ପରିଚାଳନାକୁ ବିରୋଧ କରି ପରମେଶ୍ୱରଙ୍କଠାରେ ବିଶ୍ୱାସ କଲେ ନାହିଁ । ଏଥି ସକାଶୁ ସେମାନେ ପ୍ରତିଜ୍ଞାତ ଦେଶର ନିକଟରେ ଅରଣ୍ୟରେ ୪୦ ବର୍ଷ ଭ୍ରମଣ କରିବାକୁ ପଡ଼ିଲା, ପୁଣି ସମସ୍ତେ ସେହି ପ୍ରତିଜ୍ଞାତ ଦେଶରେ ପ୍ରବେଶ କରି ପାଇଲେ ନାହିଁ । ସେମାନଙ୍କ ମଧ୍ୟରୁ ଯୋହଶୂଆ, କାଲେବ ବ୍ୟତିତ ପୁରୁଷ ସମସ୍ତେ ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ ସେମାନେ ସେମାନଙ୍କୁ ପ୍ରତିଜ୍ଞାତ ଦେଶରେ ପ୍ରବେଶ ଯୋଗ୍ୟ ନ ଥିଲେ । ପୁଣି ମୋଶା ସେମାନଙ୍କୁ କାନାନ୍‌କୁ ପରିଚାଳିତ କରିବାକୁ ପରମେଶ୍ୱର ମନାକଲା । ତାହାଙ୍କ ବଦଳରେ ମୋଶାଙ୍କର ବିଶ୍ୱସ୍ତ ଥିବା ଯୋହଶୂଆଙ୍କୁ ପରମେଶ୍ୱର ମନୋନୀତ କଲେ । ସେମାନେ ପରମେଶ୍ୱରଙ୍କ ଠାରେ ବିଶ୍ୱାସ କରିବା ସକାଶୁ ଏବଂ ଆଜ୍ଞାବହ ହେବା ସକାଶୁ, ପରମେଶ୍ୱର ସେମାନଙ୍କୁ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରାଇଲେ । ଆମେ ମଧ୍ୟ ପରମେଶ୍ୱରଙ୍କଠାରେ ବିଶ୍ୱାସ କରି ପୁଣି ପରମେଶ୍ୱରଙ୍କଠାରେ ଶାନ୍ତି ହେଲେ ଆମରି ପ୍ରତିଜ୍ଞାତ ଦେଶ ଅର୍ଥାତ୍ ସ୍ୱର୍ଗ ପହଞ୍ଚି ପାରିବା ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

## ପ୍ରଶ୍ନ

୧. ଦାସତ୍ୱ ପ୍ରଥାରୁ ଇଶ୍ରାଲୋୟିମାନଙ୍କୁ ଉଦ୍ଧାର ନିମନ୍ତେ ମୋଶା ପରମେଶ୍ୱର ପ୍ରତି ନ ଦେଖି ଆପଣା ନିଜ ନିର୍ଣ୍ଣୟରେ ଉଦ୍ଧାର କରିବାକୁ ଚାହିଁଥିଲେ।

a.____________ ହଁ b. ____________ ନାହିଁ।

୨. ମରଣ ଏବଂ ବିନଷ୍ଟ ଠାରୁ ରକ୍ଷାପ୍ରାପ୍ତ ନିମନ୍ତେ ପରମେଶ୍ୱର ଫାରୋଙ୍କୁ ଅବକାଶ ଦେଇନଥିଲେ।

a.____________ ହଁ b. ____________ ନାହିଁ।

୩. ପରମେଶ୍ୱରଙ୍କ ଠାରେ ଇଶ୍ରାଲୋୟିମାନଙ୍କ ବିଶ୍ୱାସ ହେତୁ ସେମାନେ ସୁଫ ସାଗରର ଜଳରେ ଚାଲିଲେ ଏବଂ ଆର ପାରିକୁ ଏକ ନୂତନ ଜନତା ହୋଇ ପହଞ୍ଚିଲେ।

୪. ପ୍ରତିଜ୍ଞାତ ଦେଶ ପହଞ୍ଚିଲା ପରେ ଇଶ୍ରାଏଲୀୟମାନେ କାହାଠାରେ ବିଶ୍ୱାସ ରଖିଥିଲେ।

a.___________ ଯୋହଶୂଆ ଓ କାଲେବ।

b.___________ ସେମାନଙ୍କ ନିଜ ଶକ୍ତି ଉପରେ।

୫. ମୋଶାଙ୍କୁ ପରମେଶ୍ୱର କେତେ ପର୍ଯ୍ୟନ୍ତ ଅନୁମତି ଦେଉଥିଲେ।

a.___________ ପ୍ରତିଜ୍ଞାତ ଦେଶକୁ ଇଶ୍ରାଏଲୀୟମାନଙ୍କୁ ପରିଚାଳନା କରିବାକୁ।

b.___________ ପ୍ରତିଜ୍ଞାତ ଦେଶରେ ପ୍ରବେଶ କଲେ କିନ୍ତୁ ଯିହୋଶୂଆକୁ ପରିଚାଳିତ କଲେ।

c.___________ ଦେଖିଲା କିନ୍ତୁ ପ୍ରତିଜ୍ଞାତ ଦେଶ ପ୍ରବେଶ କରିପାରି ନାହିଁ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

# ପ୍ରସ୍ତର ଫଳକରେ ନିୟମ

## ଯାତ୍ରା ପୁସ୍ତକ - ୧୯-୨୦

## ପାଠ-୮

ଅନେକ ବର୍ଷପୂର୍ବେ ପରମେଶ୍ୱର ଅବ୍ରହମଙ୍କୁ ପ୍ରତିଜ୍ଞା କରିଥିବା ବିଷୟ ଘଟିବାପାଇଁ ପରମେଶ୍ୱର ଅନେକ ଅଦ୍ଭୁତ ଦ୍ୱାରା ଇଶ୍ରାୟେଲୀୟମାନଙ୍କୁ ଆଶିର୍ବାଦ କରିଥିଲେ। ଲକ୍ଷାଧିକ ଦାସତ୍ୱ ପ୍ରଜାମାନଙ୍କୁ ପ୍ରତିଜ୍ଞା ଦେଶକୁ କଢ଼ାଇ ନେବା ତତ୍ ମଧ୍ୟରୁ ମହାନ ବିଷୟ।

ପରମେଶ୍ୱର ଅବ୍ରହମଙ୍କ ସହିତ କରିଥିବା ପ୍ରତିଜ୍ଞାଠାରୁ ହୋଇପାରେ ଚାରିଶହ ବର୍ଷ ପରେ ଏବଂ ମିସରରୁ ବାହାରିବା ତିନିମାସ ପରେ ସେମାନେ ସିନିୟ ପର୍ବତ ନିକଟରେ ପହଞ୍ଚିଲେ। ସେହିଠାରେ ପରମେଶ୍ୱର ସେମାନଙ୍କୁ ପ୍ରତ୍ୟକ୍ଷ (ଦେଖା ଦେଲେ) ତାହାଙ୍କ ନିୟମ ମୋଶାଙ୍କୁ ଜଣାଇଲେ। ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ ତୁମ୍ଭେ ପର୍ବତ ଆରୋହଣ କରି ଆମ୍ଭ ନିକଟରୁ ଆସି  ଏହି ସ୍ଥାନରେ ଥାଅ, ତହିଁରେ ଆମ୍ଭେ ଲୋକମାନଙ୍କ ଶିକ୍ଷା ନିମନ୍ତେ ଯାହା ଲେଖିଅଛୁ, ତାହା ଅର୍ଥାତ୍ ବ୍ୟବସ୍ଥା ଓ ଆଜ୍ଞା ସମ୍ବନ୍ଧୀୟ ଦୁଇ ଖଣ୍ଡ ପ୍ରସ୍ତର ଫଳକ ତୁମ୍ଭକୁ ଦେବା (ଯାତ୍ରା-୨୪:୧୨) ଏହା ହିଁ ଆମେ ଯାତ୍ରା -୨୦:୩-୧୭ ଲେଖା ଥିବା ନିମ୍ନରେ ଦଶଟି ଆଜ୍ଞାକୁ ବୁଝାଏ।

୧. ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ ଆଉ କୌଣସି ଦେବତା ହେବ ନାହିଁ।

୨. ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ କି ଉପରିସ୍ଥ ସ୍ୱର୍ଗରେ, କି ନୀରସ୍ଥ ପୃଥିବୀରେ, କି ପୃଥିବୀର ନିଚସ୍ଥ ଜଳରେ ଥିବା କୌଣସି ବସ୍ତୁର ପ୍ରତିମୂର୍ତ୍ତି ନିର୍ମାଣ କରିବ ନାହିଁ। ଯେହେତୁ ଆମ୍ଭେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ସ୍ୱଗୌରବ ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର ଅଟୁ।

୩. ତୁମ୍ଭେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ନାମ ମିଥ୍ୟାରେ ନେବ ନାହିଁ, ଯେହେତୁ ଯେ କେହି ତାହାଙ୍କର ନାମ ମିଥ୍ୟାରେ ନିଏ, ସଦାପ୍ରଭୁ ତାହାକୁ ନିରପରାଧ ଗଣନା କରିବେ ନାହିଁ।

୪. ବିଶ୍ରାମ ଦିନ ପବିତ୍ର ରୂପେ ପାଳିବାକୁ ସ୍ମରଣ କର। ଛଅଦିନ ପରିଶ୍ରମ ଓ ଆପଣାର ସବୁ କର୍ମ କରିବ। ମାତ୍ର ସପ୍ତମ ଦିନ ତୁମ୍ଭ ସଦାପ୍ରଭୁ ପରମେଶ୍ୱରଙ୍କର ବିଶ୍ରାମ ଦିନ ଅଟେ, ତହିଁରେ ତୁମ୍ଭେ କି ତୁମ୍ଭର ପୁତ୍ର, କି ତୁମ୍ଭର କନ୍ୟା, ତୁମ୍ଭର ଦାସ, କି ଦାସୀ, ତୁମ୍ଭର ପଶୁ, କି ତୁମ୍ଭର ନଗରଦ୍ୱାରବର୍ତ୍ତୀ ବିଦେଶୀ କେହି କୌଣସି କାର୍ଯ୍ୟ କରିବ ନାହିଁ।

୫. ତୁମ୍ଭେ ଆପଣା ପିତା ଓ ଆପଣା ମାତାଙ୍କୁ ସମ୍ଭ୍ରମ କର, ତହିଁରେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ତୁମ୍ଭକୁ ଯେଉଁ ଦେଶ ଦେବେ, ସେହି ଦେଶରେ ତୁମ୍ଭର ଦୀର୍ଘ ପରମାୟୁ ହେବ।

୬. ତୁମ୍ଭେ ନରହତ୍ୟା କର ନାହିଁ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

୭. ତୁମ୍ଭେ ବ୍ୟଭିଚାର କର ନାହିଁ।

୮. ତୁମ୍ଭେ ଚୋର କରିବ ନାହିଁ।

୯. ତୁମ୍ଭେ ଆପଣା ପ୍ରତିବାସୀ ବିରୁଦ୍ଧରେ ମିଥ୍ୟା ସାକ୍ଷୀ ଦେବ ନାହିଁ।

୧୦. ତୁମ୍ଭେ ଆପଣା ପ୍ରତିବାସୀର ଗୃହକୁ ଲୋଭ କରିବ ନାହିଁ, ତୁମ୍ଭେ ଆପଣା ପ୍ରତିବାସୀର ଭାର୍ଯ୍ୟା କି ଦାସ, କି ଦାସୀ, କି ତାହାର ଗୋରୁ, କି ଗଧ, କି ତୁମ୍ଭ ପ୍ରତିବାସୀର କୌଣସି ବସ୍ତୁକୁ ଲୋଭ କରିବ ନାହିଁ।

ଏହା ପୁନର୍ବାର ପଢ଼ନ୍ତୁ, ନିୟମ, ସୂଚନା, ଆଜ୍ଞାଗୁଡ଼ିକ ଯାହା କରିବା ଏବଂ ନ କରିବା ଆମେ ତାହା ଜାଣିପାରିବା କ୍ଷମା କିମ୍ବା ବିଶ୍ୱାସ ବିଷୟରେ ଯେକୌଣସି ଆଜ୍ଞା ଦେଲା ପରି ଦେଖିପାରିବା କି ? ମନୁଷ୍ୟ ମାନଙ୍କ ହୃଦୟ, ମନ ଏବଂ ଆଲୋଚନା ବିଷୟ ଏକ ଅବା ଦୁଇଟି ଆଜ୍ଞା ମାତ୍ର ରହିଥିବା ଚିହ୍ନିଲୁ କି ?ଏହି ନିୟମ ଆମକୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇବା ପାଇଁ ଲେଖାଗଲା ଏବଂ ଏବ୍ରୀ ପତ୍ରିକାରେ କହିବା ପରେ ଏହା ଏକ ନୂତନ ନିୟମରେ ଅର୍ଥାତ୍ ଦୁଷ୍ଟତାକୁ କ୍ଷମା ଦେବା ନିୟମକୁ ପୁନଃପ୍ରଭାବିତ ହେଲା। କାରଣ ପ୍ରଥମ ନିୟମ ଯଦି ଦୋଷ ରହିତ ହୋଇଥାନ୍ତା, ତେବେ ଦ୍ୱିତୀୟ ନିୟମର କଥା ଉଠି ନ ଥାଆନ୍ତି। ଯେଣୁ ସେ ସେଥିରେ ଦୋଷ ପ୍ରକାଶ କରି ସେମାନଙ୍କୁ କହନ୍ତି, ପ୍ରଭୁ କହନ୍ତି, ଦେଖ ସମୟ ଆସୁଅଛି ଯେତେବେଳେ ଆମ୍ଭେ ଇଶ୍ରାୟେଲ ବଂଶ ଓ ଯିହୁଦା ବଂଶ ସହିତ ଗୋଟିଏ ନୂତନ ନିୟମ ସ୍ଥାପନ କରିବା। ଯେଉଁ କାଳରେ ଆମ୍ଭେ ସେମାନଙ୍କର ପିତୃ ପୁରୁଷମାନଙ୍କୁ ହସ୍ତ ଧରି ମିସର ଦେଶରୁ ବାହାର କରି ଆଣିଥିଲୁ। ସେହି ସମୟରେ ସେମାନଙ୍କ ସହିତ ଆମ୍ଭେ ଯେଉଁ ନିୟମ କରିଥିଲୁ, ଏହା ତଦନୁଯାୟୀ ନୁହେଁ, ଯେଣୁ ସେମାନେ ଆମ୍ଭ ନିୟମରେ ସ୍ଥିର ରହିଲେ ନାହିଁ, ଆଉ ଆମ୍ଭେ ସେମାନଙ୍କ ପ୍ରତି ମନୋ ଯୋଗ କଲୁ ନାହିଁ, ଏହା ପ୍ରଭୁ କହନ୍ତି (ଏବି ୮:୭-୯)

କାରଣ ପ୍ରଭୂଙ୍କ କଥା ଏହି ସେହି ସମୟ ଉତ୍ତାରେ ଆମ୍ଭେ ଇସ୍ରାଏଲ ବଂଶ ସହିତ ଯେଉଁ ନିୟମ ସ୍ଥାପନ କରିବା, ତାହା ଏହି, ଆମ୍ଭେ ସେମାନଙ୍କ ମନରେ ଆପଣା ବ୍ୟବସ୍ଥା ଦେବା, ସେମାନଙ୍କ ହୃଦୟରେ ସେହିସବୁ ଲେଖିବା ଆମ୍ଭେ ସେମାନଙ୍କ ଇଶ୍ୱର ହେବା, ସେମାନେ ଆମ୍ଭର ଲୋକ ହେବେ। ପୁଣି ପ୍ରଭୂଙ୍କୁ ଜାଣ ବୋଲି କହି ସେମାନେ ପ୍ରତ୍ୟେକ ଆପଣା ଆପଣା ସହନଗର -ବାସୀଙ୍କୁ, ଆଉ ପ୍ରତ୍ୟେକ ଆପଣା ଆପଣା ଭାଇକୁ ଶିକ୍ଷା ଦେବେ ନାହିଁ, ଯେଣୁ ସାନଠାରୁ ବଡ଼ ପର୍ଯ୍ୟନ୍ତ ସେମାନେ ସମସ୍ତେ ଆମ୍ଭକୁ ଜାଣିବେ। କାରଣ ଆମ୍ଭେ ସେମାନଙ୍କର ଅଧର୍ମ ପ୍ରତି ସଦୟ ହେବ, ପୁଣି ସେମାନଙ୍କର ପାପସବୁ ଆଉ ସ୍ମରଣରେ ଆଣିବା ନାହିଁ। ଏବ୍ରି. ୮:୧୦-୧୨।

ସେ ନୂତନ ନିୟମ ବୋଲି କହିବା ଦ୍ୱାରା ପ୍ରଥମକୁ ପୁରାତନ କରି ଅଛନ୍ତି, ଆଉ ଯାହା ପୁରାତନ ଓ ଜୀର୍ଣ୍ଣ ହୋଇ ଯାଉଅଛି। ତାହାର ଅନ୍ତର୍ହିତ ହେବାର ସମୟ ସନ୍ନିକଟ । (ଏବ୍ରୀ ୮:୧୩)

କିନ୍ତୁ ଇଶ୍ୱରଙ୍କ ଧନ୍ୟବାଦ ହେଉ ଯେ, ତୁମ୍ଭେମାନେ, ଯେଉଁମାନେ କି ପୂର୍ବରେ ପାପର ଦାସ ଥିଲ ଏବେ ଯେଉଁ ଶିକ୍ଷାର ଆଦର୍ଶ ନିକଟରେ ସମର୍ପିତ ହୋଇଅଛ, ହୃଦୟ ସହ ସେଥିର ଆଜ୍ଞାବହ ହୋଇଅଛ। ରୋମୀ ୬:୧୭।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

ମାତ୍ର ସେହି ବିଶ୍ୱାସ ଆସିବା ପୂର୍ବେ ପ୍ରକାଶିତ ହେବାକୁ ଯାଉଥିବା ସେହି ବିଶ୍ୱାସ ପ୍ରାପ୍ତି ଉଦ୍ଦେଶ୍ୟରେ, ଆମ୍ଭେମାନେ ବ୍ୟବସ୍ଥାର ଅଧୀନରେ ବନ୍ଦୀ ହୋଇ ରକ୍ଷିତ ହେଉଥିଲୁ। ଏହି ପ୍ରକାର ବିଶ୍ୱାସ ହେତୁ ଆମ୍ଭେମାନେ ଧାର୍ମିକ ଗଣିତ ହେବା ନିମନ୍ତେ ଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ ବ୍ୟବସ୍ଥା ଆମ୍ଭମାନଙ୍କର ଶିକ୍ଷକ ସ୍ୱରୂପ ହୋଇଥିଲା। କିନ୍ତୁ ଏବେ ସେହି ବିଶ୍ୱାସ ଉପସ୍ଥିତ ହେଲାପରେ ଆମ୍ଭେମାନେ ଆଉ ସେହି ଶିକ୍ଷକର ଅଧିନରେ ନାହୁଁ। ଗାଲାତୀୟ ୩:୨୩-୨୫।

ଅପରାଧରେ ଓ ଶାରୀରିକ ଅସୁନ୍ନତ ଅବସ୍ଥାରେ ମୃତ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କୁ ମଧ୍ୟ ଈଶ୍ୱର ତାହାଙ୍କ ସହିତ ସଜୀବ କରିଅଛନ୍ତି, ସେତ ଆମ୍ଭମାନଙ୍କର ସମସ୍ତ ଅପରାଧ କ୍ଷମା କରି ଅଛନ୍ତି। ପୁଣି ବିଧି ବିଧାନରେ ଆମ୍ଭମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗପତ୍ର ଥିଲା, ତାହା ସେ ଲୋପ କରି କ୍ରୁଶରେ ଟଙ୍ଗାଇ ଦେଇ ଆମ୍ଭମାନଙ୍କ ପଥରୁ ଦୂର କରି ଦେଇ ଅଛନ୍ତି। କଲସୀୟ-୨:୧୩-୧୪।

ପରମେଶ୍ୱରଙ୍କ ମହାନ୍ ପ୍ରେମ ଏବଂ ତାଙ୍କର ଅନୁଗ୍ରହ ଦ୍ୱାରା ଆମ ପାଇଁ ତାହାଙ୍କ ପୁତ୍ର ପବିତ୍ର ରକ୍ତରେ ବଳୀ ଉତ୍ସର୍ଗୀକୃତ ହେଲେ। ଖ୍ରୀଷ୍ଟଙ୍କ ମରଣରେ ଏକ ନୂତନ ନିୟମ ସ୍ଥାପିତ ହେଲା। ତାହାଙ୍କୁ ଆଜ୍ଞାବହ ହୋଇ ମନପରିବର୍ତ୍ତନ କରି, ପୁଣି ପାପରୁ କ୍ଷମାପ୍ରାପ୍ତ ହେବା ପାଇଁ ଅବକାଶ ଦେଲେ ଏବ୍ରୀ- ୯:୧୬-୨୮।

ଏଣୁ ସ୍ୱାଧୀନତାର ବ୍ୟବସ୍ଥା ଦ୍ୱାରା ଯେ ତୁମ୍ଭେମାନେ ବିଚାରିତ ହେବ, ଏହା ଜାଣି ସେହି ପ୍ରକାର କଥା କୁହ ଓ କାର୍ଯ୍ୟ କର। କାରଣ ଯେ ଦୟା କରେ ନାହିଁ। ସେ ନିର୍ଦ୍ଦୟ ରୂପେ ବିଚାରିତ ହେବ, ଦୟା ବିଚାର ଉପରେ ଜୟଧ୍ୱନୀ କରେ, ଯାକୁବ ୨:୧୨-୧୩।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

## ପ୍ରଶ୍ନ

୧.ପରମେଶ୍ୱର ମୋଶାଙ୍କୁ ଆହ୍ୱାନ କରି ପର୍ବତ ଉପରେ ଦଶଟି ଆଜ୍ଞା ....

a. ________ଯିହୁଦି ଏବଂ ବିଜାତିୟମାନଙ୍କୁ ଦେଇଥିଲେ।

b. _________ସଦାସର୍ବଦା ପାଇଁ ଇସ୍ରାୟେଲୀୟଙ୍କୁ ଦେଇଥିଲେ।

c. _________ନୂତନ ନିୟମରେ ପୁନରୁଥିତ ଲୋକଙ୍କୁ ଦେଉଥିଲେ।

୨. ଦଶ ଆଜ୍ଞା ଅର୍ଥାତ୍ ବ୍ୟବସ୍ଥା ବିଶ୍ୱାସ ନିକଟକୁ ଆମକୁ କଢ଼ାଇବାପାଇଁ ବାଲ୍ୟ ଶିକ୍ଷକ ବା ଉପଦେଶକ

a. ___________ହଁ b. ___________ନାହିଁ

୩. ଦୋଷ ରହିଥିବା ସେହି ପ୍ରଥମ ନିୟମକୁ ବଦଳରେ ଦ୍ୱିତୀୟ ନିୟମ ଅର୍ଥାତ୍ ପରମେଶ୍ୱରଙ୍କ ବିଷୟରେ ଲେଖାଯାଇଛି।

a. _________ନୂତନ ନିୟମ।

b. _________ପୂରାତନ ନିୟମ।

c. _________ଦୁଇଟି ନିୟମ।

୪.ମୋଶାଙ୍କ ବ୍ୟବସ୍ଥା ପାପ କ୍ଷମା, ପରିତ୍ରାଣ ନିମନ୍ତେ ଦିଆଯାଇଥିଲା।

a. ___________ହଁ b. ___________ନାହିଁ

୫.ପରମେଶ୍ୱର ବ୍ୟବସ୍ଥାକୁ ଖ୍ରୀଷ୍ଟଙ୍କ ମରଣ ଦ୍ୱାରା କ୍ରୁଶରେ ଟଙ୍ଗାଇବା ଦ୍ୱାର ତାହା ଉପରର ହସ୍ତାକ୍ଷର ପୋଛି ଦେଲେ।

a. ___________ହଁ b. ___________ନାହିଁ

Please purchase 'e-PDF Converter and Creator' on http://www.e-pdfconverter.com to remove this message.

# ପରମେଶ୍ୱରଙ୍କ ମନର ମତବ୍ୟକ୍ତି

## ୧ ଶାମୁୟେଲ ୧୬-୨ ଶାମୁଲେ ୭

## ପାଠ-୯

ଇସ୍ରାୟେଲୀୟମାନେ ମିସରର ଦାସତ୍ୱରୁ ମୁକ୍ତି ହୋଇ ଦୁଧ ଓ ମଧୁ ପ୍ରବାହିତ ଦେଶ ସ୍ୱାଧୀନ କଲାପରେ ପରମେଶ୍ୱରଙ୍କ ଦ୍ୱାରା ମନୋନୀତ ବିଚାରକର୍ତ୍ତା ମାନେ ଇସ୍ରାୟେଲୀୟ ମାନଙ୍କୁ ପରି ପାଳନ କଲେ। କିନ୍ତୁ ପୋଡଶି ଦେଶ ପରି ରାଜା ଆବଶ୍ୟକ ବୋଲି ଇସ୍ରାୟେଲୀୟମାନେ ଚାହିଁଲେ। ପରମେଶ୍ୱର ସେମାନଙ୍କୁ ରାଜା ହୋଇ ରହିବା ସେମାନେ ତିରସ୍କାର କଲେ, ଏଣୁ ପରମେଶ୍ୱର ସେମାନଙ୍କୁ ପ୍ରଥମ ରାଜା ରୂପେ ଶାଉଲଙ୍କୁ ଦେଲେ। ପ୍ରଜାମାନେ ଯେଉଁ ପ୍ରକାର ଇଚ୍ଛା କଲେ ସେହି ପ୍ରକାରେ ସେ ସେମାନଙ୍କୁ ପରିପାଳନ କଲେ। ପରମେଶ୍ୱରଙ୍କ ଭୟକାରି ଦାଉଦଙ୍କୁ ଦ୍ୱିତୀୟ ରାଜା ରୂପେ ଅଭିଷେକ କଲେ।ଶାଉଲ ପରମେଶ୍ୱରଙ୍କ ଦ୍ୱାରା ଅଭିଷେକ ବ୍ୟକ୍ତି ବୋଲି ଜାଣି ଶାଉଲକୁ କୌଣସି କ୍ଷତି କଲେ ନାହିଁ। ଶାଉଲ ମୃତ୍ୟୁପରେ ଦାଉଦ ରାଜା ହେଲେ। ଦାଉଦଙ୍କ ବିଷୟରେ ପରମେଶ୍ୱର ଏହିପରି କହିଲେ, ପରେ ସେ ତାଙ୍କୁ ପଦଚ୍ୟୁତ କରି ସେମାନଙ୍କ ରାଜା ହେବା ନିମନ୍ତେ ଦାଉଦଙ୍କୁ ଉତ୍‌ଥାନ କଲେ। ସେ ମଧ୍ୟ ତାହାଙ୍କ ବିଷୟରେ ସାକ୍ଷ ଦେଇ କହିଲେ, ଆମ୍ଭେ ଯିଶୟର ପୁତ୍ର ଦାଉଦଙ୍କୁ ପାଇଅଛୁ, ସେ ଆମ୍ଭର ମନର ମତବ୍ୟକ୍ତି, ସେ ସମସ୍ତ ବିଷୟରେ ଆମ୍ଭର ଇଚ୍ଛା ପାଳନ କରିବ। ପ୍ରେରିତ ୧୩:୨୨-୨୩।

ଏକ ସନ୍ଧର୍ଭରେ ଦାଉଦ ଏବଂ ତାହାଙ୍କ ମନୁଷ୍ୟମାନେ ଅତି ସମୃଦ୍ଧି ସମୁହ ମଧ୍ୟରେ ଥିଲେ ଗୌରବ କରୁଥିଲେ। ତାହାଙ୍କ ସେବକଙ୍କ ସମ୍ବନ୍ଧୀୟ କିଛି ହିଁ ନେଉ ନ ଥିଲେ। ଦାଉଦ ଆହାର ପାଇଁ ନାବଲଙ୍କୁ ସାହାଯ୍ୟ ମାଗିଥିଲେ। କିନ୍ତୁ ନାବଲ ତାହାଙ୍କ ବିଷୟ ସମସ୍ତ ଜାଣି ସୁଧା ଅପମାନ କରି କଠିନଭାବେ ତାହାଙ୍କ ଅନୁରୋଧକୁ ତୁଚ୍ଛକଲେ। ଦାଉଦ କୋପିତ ହେଲେ, ତାହାଙ୍କୁ ମାରିଦେବା ପାଇଁ ଭାବିଲେ, କିନ୍ତୁ ମନ ପରିବର୍ତ୍ତନ କରି, ପରମେଶ୍ୱର ହିଁ ତାହାଙ୍କୁ ବିଚାର କରୁ ବୋଲି କହିଲେ।

ଦାଉଦଙ୍କ ଜୀବନରେ ସମସ୍ତ ବିଷୟ ଦୈବିକ ନୁହେଁ। ସୈନ୍ୟମାନଙ୍କ ସହିତ ମିଶି ଯୁଦ୍ଧକୁ ନ ଯାଇ ଗୃହରେ ହିଁ ରହିଥିଲେ। ତେବେ ଜଣେ ସୌନ୍ଦର୍ଯ୍ୟ ସ୍ତ୍ରୀ ଦେଖି ତାହାଙ୍କ ସହିତ ବ୍ୟଭିଚାର କଲେ। ତାହାଙ୍କୁ ଦ୍ୱାରା ସେସ୍ତ୍ରୀ ଗର୍ଭବତି ହେଲାବୋଲି ଜାଣି ତାହାଙ୍କ ପାପ ଲୁଚାଇବା ପାଇଁ ତାହାର ସ୍ୱାମୀକୁ ମାରି ଦେବା ପାଇଁ ସୈନ୍ୟକୁ ଆଜ୍ଞା ଦେଲା। କେଢ଼େ ମହାପାପ ? ହଁ ଏହା କଣ ପରମେଶ୍ୱରଙ୍କୁ ସନ୍ତୋଷ ଦେଇଥାଏ? ନାହିଁ। ଦାଉଦ ଶରୀର ସମ୍ବନ୍ଧୀୟ ଅଭିଳାଷ ଦ୍ୱାରା ଆକର୍ଷିତ ହେବା ହେତୁରୁ ତାହା ପାପର କାରଣ ହେଲା। ଏହି ପାପ ନିମନ୍ତେ ଦାଉଦ ବହୁତ ଚିନ୍ତିତ ହେଲେ। ପରମେଶ୍ୱରଙ୍କ ସେବକ ନାଥନ ଦାଉଦଙ୍କୁ ଭେଟିଲେ। ଦାଉଦ ନିଜର ଦୋଷ ସ୍ୱୀକାର କରି ମନପରିବର୍ତ୍ତନ କରିବା ହେତୁ କ୍ଷମା ପ୍ରାପ୍ତ ହେଲେ। ସେ କ୍ଷମାପ୍ରାପ୍ତ ହେଲେ ସୁଧା ପାପର ପ୍ରତିଫଳ ହିଁ ଅନୁଭବ କରୁଥିବା ସେ ଆମ୍ଭର ମନର ମତବ୍ୟକ୍ତି ବୋଲି ପରମେଶ୍ୱର ଦାଉଦଙ୍କ ବିଷୟରେ କହିବା ଦ୍ୱାରା, ତାହାଙ୍କ ହୃଦୟର ସ୍ୱଭାବ, ତାହାଙ୍କ ବେଦନା ପୁଣି ପରମେଶ୍ୱରଙ୍କ ସହ ଶ୍ୟାନ୍ତି

Please purchase 'e-PDF Converter and Creator' on http://www.e-pdfconverter.com to remove this message.

ପାଇଁ କ୍ଷମାଭିକ୍ଷ ମାଗିଥିବା ତାଙ୍କରି ଗୁଣ ଯୋଗୁ ପରମେଶ୍ୱର ସେ ମୋ ମନର ମତ ବ୍ୟକ୍ତ ବୋଲି କହିଥିଲେ। ବର୍ତ୍ତମାନ ସମସ୍ତର ସ୍ଥିତି ଏହି ପରି। ଆମେ ସମସ୍ତେ ପାପ କଲୁ। ପାପ ସକାଶୁ ଆମ ସ୍ୱଭାବ ବଦଳି ଏବଂ ପରମେଶ୍ୱରଙ୍କ ସହିତ ଶ୍ୟାନ୍ତି ହେବା ଆବଶ୍ୟକତା ରହିଅଛି। ତାହାଙ୍କ ରାଜ୍ୟକୁ ଶେଷ ନାହିଁ ବୋଲି, ଯୀଶୁ ଖ୍ରୀଷ୍ଟଙ୍କୁ ଉଦ୍ଧେଶ୍ୟ କରି , ପରମେଶ୍ୱର ଦାଉଦଙ୍କ ସହ ତାହାଙ୍କ ସନ୍ତାନମାନଙ୍କଠାରୁ ଜଣେ ତାହାଙ୍କ ସିଂହାସନରେ ସଦା ସର୍ବଦା ଆରୋହଣ କରିବେ  ବୋଲି ପ୍ରତିଜ୍ଞା କଲେ।

ଦାଉଦ ଏବଂ ଅବ୍ରହମଙ୍କ ସହ ପରମେଶ୍ୱର କରିଥିବା ପ୍ରତିଜ୍ଞା, ଖ୍ରୀଷ୍ଟ ପାପ ନ କରି ପୁଣି ପରମେଶ୍ୱର ଆଜ୍ଞାବହ କାରି ହୋଇ, ଆମ ନିମନ୍ତେ ତାହାଙ୍କ ଜୀବନ ଅର୍ପଣ କରିବା ପାଇଁ ଇଚ୍ଛା ହୋଇ ତାହା ସଫଳ କଲେ। ଖ୍ରୀଷ୍ଟ ସ୍ୱର୍ଗଠାରୁ ଜଗତକୁ ଶରୀର ଧାରଣ କରି, ମନୁଷ୍ୟ ପୁତ୍ର ତୁଲ୍ୟ, ପରମେଶ୍ୱର ଙ୍କ ପବିତ୍ର ଲୋକ ହୋଇ ଜଗତରେ ଜୀବନ ଯାପନ କଲେ। ପରମେଶ୍ୱର ଯୋଜନାକୁ (କାର୍ଯ୍ୟ) ଜଗତରେ ସମାପନ କରିବା ହିଁ ପରମେଶ୍ୱରଙ୍କ ସଂକଳ୍ପ ପୁଣି ସେ ଦାଉଦଙ୍କ ପୁତ୍ର ରୂପେ ଡ଼ାକାଗଲା।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

## ପ୍ରଶ୍ନ

୧. ଶାଉଲଙ୍କୁ ପରମେଶ୍ୱର ଇସ୍ରାୟେଲୀୟମାନଙ୍କ ରାଜା କରି ମନୋନୀତ କଲେ। ଦାଉଦ ତାହାଙ୍କୁ କ୍ଷତି କରିବାକୁ ତିରସ୍କାର କଲେ। ପୁଣି ତାହାଙ୍କୁ କ୍ଷତି କଲେ ପରମେଶ୍ୱରଙ୍କ ଅବମାନ ହେବ ବୋଲି ଭାବିଲେ।

a. ___________ହଁ b. ___________ନାହିଁ

୨. ପରମେଶ୍ୱରଙ୍କ ମନର ମତବ୍ୟକ୍ତି ଅର୍ଥାତ୍ ।

a. _________ ପରମେଶ୍ୱରଙ୍କ ନିୟମ ଓ ଆଜ୍ଞା ପ୍ରଚାର କରିବା ବ୍ୟକ୍ତି।

b. _________ ପରମେଶ୍ୱରଙ୍କ ଲୋକମାନଙ୍କୁ ପରିଚାଳନା କରିବାକୁ ବଳବାନ୍ ବ୍ୟକ୍ତି।

c. _________ ଭଲ କାର୍ଯ୍ୟ କରିବାକୁ ଇଚ୍ଛା ହୋଇ ସେ କରିଥିବା ପାପକାର୍ଯ୍ୟ ସବୁ ସଠିକ୍ କରିବା ବ୍ୟକ୍ତି।

୩. ଦାଉଦ ଆମକୁ ଏଠାରେ ଉତ୍ତମ ଉଦାହରଣ।

a. _________ ଏକ ବଳବାନ ରାଜା।

b. _________ ପାପ କରିନଥିବା ଦାଉଦଙ୍କ ସନ୍ତାନ ହୋଇ ଯୀଶୁ ଡ଼କାଗଲା ପରେ ସେ ପାପ କରିନଥିଲେ।

c. _________ ଶୀଘ୍ର ମନପରିବର୍ତ୍ତନ କରି ପୁଣି ସେହି ପାପ ସକାଶୁ ପରମେଶ୍ୱରଙ୍କ କ୍ଷମା ମାଗିଲେ।

୪. ଦାଉଦଙ୍କ ସମସ୍ତ କାର୍ଯ୍ୟରେ ପରମେଶ୍ୱର ଖୁସି ହେଲେ ।

a. ___________ହଁ b. ___________ନାହିଁ

୫. ଯୀଶୁ ଜଗତରେ ଥିବା ସମୟରେ ଆପଣାକୁ କାହାର ସନ୍ତାନ ବୋଲି କହିଥିଲେ।

a. _________ପରମେଶ୍ୱରଙ୍କ ସନ୍ତାନ _________ ମନୁଷ୍ୟ ସନ୍ତାନ ।

b. _________ ମରିୟମ _________ ଯୋଷେଫ ସନ୍ତାନ

c. _________ ରାଜାଙ୍କ ସନ୍ତାନ ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

# ଭବିଷ୍ୟତ ବାଣୀର ସଫଳତା

## ପାଠ-୧୦

ପୈତୃକ ଯୁଗରେ ଡ଼କାଯାଇଥିବା କାଳରେ ପରମେଶ୍ୱର ଆଦମ, ନୋହ, ଅବ୍ରହମ, ଇସହାଳ ଏବଂ ଯାକୁବଙ୍କ ସହ କଥା କହୁଥିଲେ। ଇସ୍ରାୟେଲ ଲୋକଙ୍କୁ ସ୍ଥାପନ କଲାପରେ, ମୋଶା, ଯିହୋଶୂୟ ଏବଂ ସେମାନଙ୍କ ବିଚାର କର୍ତ୍ତାମାନଙ୍କ କଥା କହିଲେ। ଶାମୁୟେଲ ବିଚାର କର୍ତ୍ତା ହୋଇ ରହିଥିବା ଦିନରେ ଇସ୍ରାୟେଲୀୟମାନେ ଅନ୍ୟ ରାଜ୍ୟ ମାନଙ୍କ ପରି ସେମାନଙ୍କୁ ଏକ ରାଜା ଆବଶ୍ୟକ ବୋଲି ଅଭିଯୋଗ କଲେ। ପରମେଶ୍ୱର ସେମାନଙ୍କ ରାଜାମାନଙ୍କୁ ମନୋନିତ କଲେ। ରାଜାମାନଙ୍କ ପରିପାଳନ ସମୟରେ ପରମେଶ୍ୱର ତାଙ୍କର ବାର୍ତ୍ତା କେତେକ ମନୁଷ୍ୟ ଦ୍ୱାରା କହିଥିଲେ। ସେମାନଙ୍କୁ ଆମେ ଭବିଷ୍ୟତ ବକ୍ତା ବୋଲି କହୁ। ଭବିଷ୍ୟତ ବକ୍ତାମାନେ ପରମେଶ୍ୱରଙ୍କ ବାର୍ତ୍ତା ଇସ୍ରାୟେଲ୍ ଲୋକମାନଙ୍କୁ ଜଣାଇଲେ। କିନ୍ତୁ ଆଗାମୀ ମସିହା ନିମନ୍ତେ ଅଳ୍ପ କେତେ ଭବିଷ୍ୟତ ବକ୍ତାମାନେ ହଁ ବାକ୍ୟ କହିଲ। ଅନେକ ବର୍ଷ କାଳରେ ଅନେକ ଭବିଷ୍ୟତ ବକ୍ତାଦ୍ୱାରା ଅର୍ଥାତ୍ ୫୦ ଠାରୁ ଅତ୍ୟଧିକ ଭବିଷ୍ୟତ ବାଣି ମସିହା ସମ୍ବନ୍ଧରେ କହିଥିଲେ ତାହା ସମସ୍ତ ଯୀଶୁଙ୍କର ସଫଳ ହେଲା। ନୂତନ ନିୟମରେ ସଫଳ ହୋଇଥିବା ଭବିଷ୍ୟତ ବାଣିର କେତେକ ନିମ୍ନରେ ଦିଆଗଲା।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

## ଭବିଷ୍ୟତ ବାଣି

**ମଲାଖି - ୩:୧** ଦେଖ ଆମ୍ଭେ ଆପଣା ଦୁତକୁ ପ୍ରେରଣ କରୁଅଛୁ ଓ ସେ ଆମ୍ଭ ଆଗରେ ପଥ ପ୍ରସ୍ତୁତ କରିବ ପୁଣି ତୁମ୍ଭେମାନେ ଯେଉଁ ପ୍ରଭୁଙ୍କର ଅନ୍ୱେଷଣ କରୁଅଛ ସେ ଅକସ୍ମାତ୍ ଆପଣା ମନ୍ଦିରରୁ ଆସିବେ ଆଉ ନିୟମର ଯେଉଁ ଦୂତ ଠାରେ ତୁମ୍ଭେମାନେ ସନ୍ତୁଷ୍ଟ ଅଟ, ଦେଖ ସେ ଆସୁଅଛନ୍ତି, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି।

**ଆଦିପୁସ୍ତକ - ୪୯:୧୦** ଶୀଲୋର ( ଶାନ୍ତି କର୍ତ୍ତାଙ୍କର) ଆଗମନ ପର୍ଯ୍ୟନ୍ତ ଯିହୁଦାଠାରୁ ରାଜଦଣ୍ଡ ଓ ତାହାର ଚରଣଦ୍ୱୟ ମଧ୍ୟରୁ ବିଚାର କର୍ତ୍ତାର ଯଷ୍ଟି ଯିବ ନାହିଁ, ତାହାଙ୍କ ନିକଟରେ ଲୋକମାନେ ଅଧୀନତା ସ୍ୱୀକାର କରିବେ।

**ଯିରିମିୟ - ୨୩:୫** ସଦାପ୍ରଭୁ କହନ୍ତି, ଦେଖ, ଯେଉଁ ସମୟରେ ଆମ୍ଭେ ଦାଉଦ- ବଂଶରେ ଏକ ଧାର୍ମିକ ଶାଖା ଉତ୍ପନ୍ନ କରିବା। ଏପରି ସମୟ ଆସୁଅଛି, ତହିଁରେ ସେ ରାଜା ହୋଇ ରାଜତ୍ୱ କରିବେ ଓ ଜ୍ଞାନରେ ବ୍ୟବହାର କରିବେ, ପୁଣି ଦେଶରେ ସୁବିଚାର ଓ ନ୍ୟାୟ ପ୍ରଚଳିତ କରିବେ।

**ଯିଶାଇୟ-୭:୧୪**

ଏହେତୁ ପ୍ରଭୁ ଆପେ ତୁମ୍ଭମାନଙ୍କୁ ଏକ ଚିହ୍ନ ଦେବେ, ଦେଖ, ଏକ କନ୍ୟା ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଇମ୍ମାନୁୟେଲ ( ଆମ୍ଭମାନଙ୍କ ସହିତ ପରମେଶ୍ୱର) ରଖିବ।

## ସଫଳତା

**ଲୂକ- ୭:୨୪,୨୭** ଯୋହନଙ୍କ ଦୂତମାନେ ପ୍ରସ୍ଥାନ କଲା ଉତ୍ତାରେ ସେ ଯୋହନଙ୍କ ସମ୍ବନ୍ଧରେ ଲୋକସମୂହକୁ କହିବାକୁ ଲାଗିଲେ ଦେଖ ଆମ୍ଭେ ଆପଣା ଦୂତକୁ ତୁମ୍ଭ ଆଗରେ ପ୍ରେରଣ କରୁଅଛୁ, ସେ ତୁମ୍ଭ ସମ୍ମୁଖରେ ତୁମ୍ଭର ପଥ ପ୍ରସ୍ତୁତ କରିବ। ଏ ସେହି ବ୍ୟକ୍ତି।

**ଲୂକ- ୩:୩୩-** ,ନହଶୋନ ଅମ୍ମୀନାଦାବଙ୍କ ପୁତ୍ର, ଅମ୍ମୀନାଦାବ ଅଦ୍ମୀନଙ୍କ ପୁତ୍ର, ଅଦ୍ମୀନ ଅର୍ଣ୍ଣୀଙ୍କ ପୁତ୍ର, ଅର୍ଣ୍ଣୀ ହେସ୍ରୋଣଙ୍କ ପୁତ୍ର, ହେସ୍ରୋଣ ଫେରସଙ୍କ ପୁତ୍ର, ଫେରସ ଯିହୁଦାଙ୍କ ପୁତ୍ର।

**ମାଥିଉ- ୧:୨-** ଅବ୍ରହାମଙ୍କ ସନ୍ତାନ ଓ ଦାଉଦଙ୍କ ସନ୍ତାନ, ଯୀଶୁ ଖ୍ରୀଷ୍ଟଙ୍କ ବଂଶାବଳୀ।

**ମାଥିଉ- ୨:୬**

ଆଉ ଗୋ ଯିହୁଦାଙ୍କ ପ୍ରଦେଶର ବେଥଲିହିମ, ତୁ ଯିହୁଦାର ପ୍ରଧାନ ନଗର ସମୂହ ମଧ୍ୟରେ କୌଣସି ପ୍ରକାରେ କ୍ଷୁଦ୍ରତମ ନୋହୁଁ କାରଣ ଯେ ଆମ୍ଭର ଇସ୍ରାଏଲ ଲୋକଙ୍କୁ ପ୍ରତି ପାଳନ କରିବେ, ଏପରି ଜଣେ ଶାସନକର୍ତ୍ତା ତୋ ଠାରୁ ଉତ୍ପନ୍ନ ହେବେ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

**ଯିଖରୀୟ - ୯:୯**

ଗୋ ସିୟୋନ କନ୍ୟେ, ଅତିଶୟ ଉଲ୍ଲାସ କର, ଗୋ ଯିରୁଶାଲମ କନ୍ୟେ, ଜୟ ଧ୍ୱନି କର, ଦେଖ ତୁମ୍ଭର ରାଜା ତୁମ୍ଭ ନିକଟକୁ ଆସୁଅଛି, ସେ ଧର୍ମମୟ ଓ ପରିତ୍ରାଣ ବିଶିଷ୍ଟ ସେ ନମ୍ରଶୀଳ ଓ ଗର୍ଦ୍ଦଭ ଉପରେ, ଅର୍ଥାତ୍ ଗର୍ଦ୍ଦଭୀର ଶାବକ ଉପରେ ଆରୋହଣ କରି ଆସୁଅଛନ୍ତି ।

**ଯିଶାଇୟ- ୫୩:୫**

ମାତ୍ର ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତ ବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ, ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ ।

**ଯିଶାଇୟ - ୫୩:୭**

ସେ ଉପଦ୍ରବ ପ୍ରାପ୍ତ ହେଲେ, ତଥାପି ସେ ଆପଣାକୁ ନମ୍ର କରି ଆପଣା ମୁଖ ଫିଟାଇଲେ ନାହିଁ। ବଧସ୍ଥାନକୁ ନିଆଯିବା ମେଷ ଶାବକ ତୁଲ୍ୟ ଲୋମ ଛେଦକମାନଙ୍କ ସମ୍ମୁଖରେ ନୀରବ ମେଷୀ ତୁଲ୍ୟ ହୋଇ ସେ ଆପଣ ମୁଖ ଫିଟାଇଲେ ନାହିଁ।

**ଯିଶାଇୟ- ୫୩: ୯**

ପୁଣି, ସେ କୌଣସି ଦୌରାତ୍ମ୍ୟ ନ କଲେ ହେଁ ଓ ତାହାଙ୍କ ମୁଖରେ କୌଣସି ଛଳ ନଥିଲେ ହେଁ ଲୋକମାନେ ଦୁଷ୍ଟଗଣର ସହିତ ତାହାଙ୍କର କବର ନିରୁପଣ କଲେ ଓ ମୃତ୍ୟୁର ସେ ଧନବାନର ସଙ୍ଗୀ ହେଲେ ।

**ମାଥିଉ- ୨୧:୫-୭**

ସିୟୋନର କନ୍ୟାକୁ କୁହ ଦେଖ୍, ତୋର ରାଜା ତୋ ନିକଟକୁ ଆସୁଅଛନ୍ତି, ସେ ନମ୍ର ଓ ଗର୍ଦ୍ଦଭ ରୋହୀ ଶାବକ, ଗର୍ଦ୍ଦଭ ଶାବକରୋହୀ ସେଥିରେ ଶିଷ୍ୟମାନେ ଯାଇ ଯୀଶୁଙ୍କ ଆଦେଶ ଅନୁସାରେ କର୍ମ କଲେ। ପୁଣି ଗର୍ଦ୍ଦଭୀ ଓ ଶାବକଟି ଆଣି ଗର୍ଦ୍ଦଭୀ ଓ ଶାବକଟି ଆଣି ସେମାନଙ୍କ ଉପରେ ବସ୍ତ୍ର ପାତି ଦେଲେ ।

**ମାଥିଉ- ୨୭:୧୨-୧୪**

ଆଉ ପ୍ରଧାନ ଯାଜକ ଓ ପ୍ରାଚୀନ ବର୍ଗ ତାହାଙ୍କ ବିରୁଦ୍ଧରେ ଅଭିଯୋଗ କରନ୍ତେ, ସେ କୌଣସି ଉତ୍ତର ଦେଲେ ନାହିଁ, ସେଥିରେ ପିଲାତ ତାହାଙ୍କୁ କହିଲେ, ଏମାନେ ତୁମ୍ଭ ବିରୁଦ୍ଧରେ କେତେ ସାକ୍ଷ୍ୟ ଦେଉଅଛନ୍ତି। ତାହା କିଶୁଣୁ ନାହିଁ। ମାତ୍ର ସେ ତାହାଙ୍କୁ ଗୋଟିଏ କଥାର ହିଁ ପଦେହେଲେ ଉତ୍ତର ଦେଲେ ନାହିଁ, ସେଥିରେ ଶାସନକର୍ତ୍ତା ଅତ୍ୟନ୍ତ ଚମକୃତ ହେଲେ ।

**ମାର୍କ- ୧୫:୪**

ସେଥିରେ ପୀଲାତ ପୁନର୍ବାର ତାହାଙ୍କୁ ପଚାରିଲେ, ତୁମ୍ଭେ କିଛି ଉତ୍ତର ଦେଉ ନାହିଁ? ଦେଖ, ଏମାନେ ତୁମ୍ଭ ବିରୁଦ୍ଧରେ କେତେ ଅଭିଯୋଗ କରୁ ଅଛନ୍ତି ।

**ମାଥିଉ- ୨୭:୫୭-୫୮**

ବେଳ ଗଡ଼ି ଆସନ୍ତେ, ଯୋଷେଫ ନାମକ ହରା ମତୀୟାର ଜଣେ ଧନୀ ଲୋକ ଆସିଲେ, ସେ ପିଲାତ ନିକଟକୁ ଯାଇ ଯୀଶୁଙ୍କ ଶରୀର ମାଗିଲେ। ସେଥିରେ ପିଲାତ ତାହା ଦେବାକୁ ଆଜ୍ଞା କଲେ ।

Please purchase 'e-PDF Converter and Creator' on http://www.e-pdfconverter.com to remove this message.

## ପ୍ରଶ୍ନ

୧. ଉର୍ଦ୍ଧାର କର୍ତ୍ତା ନିମନ୍ତେ କୌଣସି ଭାବବାଣି ନାହିଁ।

a. __________ହଁ b. __________ନାହିଁ

୨. ମସିହଙ୍କ ନିମନ୍ତେ ଯିଶାଇୟ ହଁ ଭବିଷ୍ୟତ ବାଣୀ କହିଲେ।

a. __________ହଁ b. __________ନାହିଁ

୩. ନାଜରୀତ ଯୀଶୁ ଖ୍ରୀଷ୍ଟଙ୍କଠାରେ ସଫଳ ହେବା ଭବିଷ୍ୟତ ବାଣୀ।

a. ମଲାଖି- ୬:୧୦ b. ଯାତ୍ରା-୧୦:୧୫

c. ଯିଶାଇୟ-୫୩:୫ d. ଯିଶାଇୟ- ୨:୧୯

୪. ଆଦମ, ନୋହ, ଅବ୍ରହାମ ଓ ଦାଉଦଙ୍କ ସହିତ ପରମେଶ୍ୱର ଅନ୍ୟ ଭାବେ କଥା କହିଲେ।

a. __________ହଁ b. __________ନାହିଁ

୫. ପରମେଶ୍ୱର ରାଜାଙ୍କ ଦ୍ୱାରା ଭବିଷ୍ୟତ ବକ୍ତାଙ୍କ ସହିତ ବାର୍ତ୍ତା ଜଣାଇଲେ।

a. __________ହଁ b. __________ନାହିଁ

## GOD Bless You

Please purchase 'e-PDF Converter and Creator' on http://www.e-pdfconverter.com to remove this message.

## ଶାନ୍ତିର ବାର୍ତ୍ତା

## ଉତ୍ତର

ନାମ: ________________________________ ରେଫ୍‌ରେନ୍‌ସ ନଂ __________

ଠିକଣା ଏବଂ ଫୋନ୍ ____________________________ ମାର୍କ__________

ପାଠ-୦୧

୧ ________ ୨________ ୩________ ୪________ ୫________

ପାଠ-୦୨

୧ ________ ୨________ ୩________ ୪________ ୫________

ପାଠ-୦୩

୧ ________ ୨________ ୩________ ୪________ ୫________

ପାଠ-୦୪

୧ ________ ୨________ ୩________ ୪________ ୫________

ପାଠ-୦୫

୧ ________ ୨________ ୩________ ୪________ ୫________

ପାଠ-୦୬

୧ ________ ୨________ ୩________ ୪________ ୫________

ପାଠ-୦୭

୧ ________ ୨________ ୩________ ୪________ ୫________

ପାଠ-୦୮

୧ ________ ୨________ ୩________ ୪________ ୫________

ପାଠ-୦୯

୧ ________ ୨________ ୩________ ୪________ ୫________

ପାଠ-୧୦

୧ ________ ୨________ ୩________ ୪________ ୫________

ଉତ୍ତର ଲେଖିବା ପରେ ପଠାଇବା ଠିକଣା

**BRO: S.M. Binay Kumar, Director**
**Bible correspondence course**
**Church street, Chandra babunagar**
**Naidupeta- 524126**
**Nellore- Dist, Andrha Pradesh, India**
**Cell- 98858 45588, 9494473488**

Please purchase 'e-PDF Converter and Creator' on http://www.e-pdfconverter.com to remove this message.

## ସମାଧାନର ବାର୍ତ୍ତା

## ବାଇବଲ କରେସ୍‌ଫଣ୍ଡେନସ୍

ସମାଧାନର ବାର୍ତ୍ତା ବୋଲି ବାଇବଲ୍ କରେସ୍‌ଫଣ୍ଡେନସ୍ କୋର୍ସ ପାଇଁ ଆପଣମାନଙ୍କୁ ସ୍ୱାଗତ କରୁଛୁ। ପରମେଶ୍ୱରଙ୍କ ସ୍ୱରୂପିର ସୃଷ୍ଟି ହୋଇଥିବା ମନୁଷ୍ୟ ଆଜ୍ଞାଲଂଘନ ହେତୁ ସେହି ପରମେଶ୍ୱରଙ୍କ ସ୍ୱଭାବ ହରାଇଲେ। ପ୍ରତି ଯୁଗରେ ସେ ଆଜ୍ଞା ଲଂଘନ କରି ହିଁ ଯାଉଛି। କିନ୍ତୁ ପରମେଶ୍ୱର ସମସ୍ତ ମନୁଷ୍ୟ ପୁନର୍ବାର ତାହାଙ୍କ ସ୍ୱରୂପି ହେବା ପାଇଁ ଇଛା କରି ତାହାଙ୍କ ସହିତ ଶାନ୍ତି ନିମନ୍ତେ ତାହାଙ୍କ ବାର୍ତ୍ତା ପ୍ରକାଶ କଲେ। ସେ ସମାଧାନର ବାର୍ତ୍ତା ହିଁ ଏହି କୋର୍ସ । ଏହି କୋର୍ସରେ ପୂରା ତିନୋଟି ଭାଗରେ ୩୦ ଗୋଟି ପାଠ ରହିଛି।

ଭାଗ - ୧ ପାଠ- ୧-୧୦: ଖ୍ରୀଷ୍ଟ ଭୂପୃଷ୍ଠକୁ ଆସିବା ପୂର୍ବକାଳ

ଭାଗ - ୨ ପାଠ - ୧୧-୨୦: ଖ୍ରୀଷ୍ଟ ଶରୀରରେ ଜଗତରେ ଥିବା କାଳ

ଭାଗ - ୩ ପାଠ- ୨୧-୩୦: ଖ୍ରୀଷ୍ଟ ସ୍ୱର୍ଗ ଆରୋହଣ ପରେ ଥିବା କାଳ

ଗୋଟିଏ ଭାଗରୁ ପାଠ ସମସ୍ତ ପଠନ କରି, ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖି ପଠାଇବେ। ଉତ୍ତର ସମାଲୋଚନା କରି ଆପଣକୁ ଆସିଥିବା ଗ୍ରେଡ୍ ସହ ଅନ୍ୟ ଭାଗର ପାଠ ପଠାଇ ଦିଆଯିବ। ତିନୋଟି ଭାଗ ସମାପ୍ତ କଲା ପରେ ଆପଣକୁ ଆସିଥିବା ଗ୍ରେଡ଼ ଅନୁଯାୟୀ ଗୋଟିଏ ସାର୍ଟିଫିକେଟ୍ ଦିଆଯିବ।

ପୂରଣ କରିଥିବା ଉତ୍ତରକୁ ପଠାଇବା ଠିକଣା

Bro. S.M. Vinay Kumar. Director
Bible Correspondence course
Church Street, Chandrababu Nagar
Naidupeta – 524126

Please purchase 'e-PDF Converter and Creator' on http://www.e-pdfconverter.com to remove this message.

Nellore Dist. Andhra Pradesh, South India

Please purchase 'e-PDF Converter and Creator' on http://www.e-pdfconverter.com to remove this message.